**ରାଜ୍ୟସ୍ତରୀୟ ଲନ୍ ବଲ୍ ପ୍ରଶିକ୍ଷଣ ଶିବିର**

**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର):** ଜାତୀୟ ସିନିୟର ଏବଂ ଅଣ୍ଡର-୨୫ ଲନ୍ ବଲ୍ ପ୍ରତିଯୋଗିତା ପାଇଁ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ରାଜ୍ୟସ୍ତରୀୟ ଲନ୍ ବଲ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଶିବିର ୩ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଢେଙ୍କାନାଳ ଜିଲ୍ଲାରୁ ଜଣେ ବାଳକ ଓ ୬ ଜଣ ବାଳିକା, ସମ୍ବଲପୁର ଜିଲ୍ଲାରୁ ଜଣେ ବାଳିକା ଏବଂ ବଲାଙ୍ଗୀର ଜିଲ୍ଲାରୁ ୯ଜଣ ବାଳିକା, ୧୫ ଜଣ ବାଳକ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।



## ସଂକ୍ଷେପରେ

### ସ୍କୁଲ ଉନ୍ନତୀକରଣ ଅନୁଦାନ ଆତ୍ମସାତ ଘଟଣା: ଶିକ୍ଷକ ନିଲମ୍ବିତ

ଲୋଇସିଂହା, ୨୫।୧୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ କୁଟୁରାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ ଅନୁଦାନ ଆତ୍ମସାତ ଅଭିଯୋଗ ଘଟଣାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ମହାଦେବ ବଡକାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟ ମଧ୍ୟରେ ଲରକିପାଲିସ୍ଥିତ ଆରଆର କଲୋନୀ ହାଇସ୍କୁଲରେ ନିୟମିତ ହାଜରା ପକାଇବାକୁ ବଲାଙ୍ଗୀର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୩୫୪ (ତା ୨୦।୧୧।୨୪ ରିଖ)ରେ ନିର୍ଦ୍ଦେଶ ରହିଛି। ପ୍ରାୟ ୧୦ ବର୍ଷ ତଳେ ବଲାଙ୍ଗୀର ଡିପିସିଙ୍କ କାର୍ଯ୍ୟାଳୟରୁ ସକମା ପଞ୍ଚାୟତ କୁଟୁରାପାଲି ଗ୍ରାମର ଉକ୍ତ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଏବଂ ରୋଷେଇ ଗୃହ ପାଇଁ ୯୦ ହଜାର ଏପରି ମୋଟ ୩ ଲକ୍ଷ ୯୦ ହଜାର ଟଙ୍କା ଅନୁଦାନ ମିଳିଥିଲା। ହେଲେ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ଏବଂ ରୋଷେଇ ଗୃହ ନିର୍ମାଣ କରା ନଯାଇ ଅନୁଦାନ ଚଞ୍ଚକତା କରି ଉଠାଣ କରାଯାଇଛି। ଏହାବ୍ୟତୀତ ତାଙ୍କ ବିରୋଧରେ ମଧ୍ୟାହ୍ନ ଭୋଜନ ଚାଉଳ ହଡପ ନେଇ ଗତ ଜୁଲାଇ ୨୨ରେ ଲୋଇସିଂହା ବ୍ଲକ ସଭାଗୃହରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ବଲାଙ୍ଗୀର ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ଏହାର ତଦନ୍ତ କରି ଶିକ୍ଷକ ବଡକାଙ୍କୁ ନିଲମ୍ବନ କରିଛନ୍ତି।

### ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକ ଉତ୍ସବ

ଲୋଇସିଂହା, ୨୫।୧୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃଜ୍ୟୋତିର ୨୧ତମ ଶ୍ରୀ ଅରବିନ୍ଦ ପାଠଚକ୍ର ବାର୍ଷିକ ଉତ୍ସବ ସୋମବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର



ସମ୍ପାଦକ ଚନ୍ଦ୍ରକାନ୍ତ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରି ଛାତ୍ର ଜୀବନରେ ଆଧ୍ୟାତ୍ମିକ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ସୂର୍ଯ୍ୟକାନ୍ତି ପଣ୍ଡା ଶିଶୁମାନଙ୍କ ଚରିତ୍ର ଗଠନରେ ମା'ଙ୍କ ଭୂମିକା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସୌଦାମିନୀ ସାହୁ ଶ୍ରୀଅରବିନ୍ଦଙ୍କ ଜୀବନ ଉପରେ କହିଥିଲେ। ପ୍ରଧାନ ଶିକ୍ଷକ ଅମିତାବ ଦେହୁରୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତାପଚନ୍ଦ୍ର ପଧାନ, ମୋତିଲାଲ ନନ୍ଦ, ରୀନା ବାଘ, ସିନ୍ଧୁରାଣୀ ପଦାନ, ଟୁମକି ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ଦ୍ୱାର ନୃତ୍ୟଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଯୁଗ୍ମ ଜନଶୁଣାଣି ଶିବିର

ଦେଓଗାଁ, ୨୫।୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ଜିଲା ପ୍ରଶାସନ ତରଫରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପ୍ରଶାସନ ତରଫରୁ ଏଡିଏମ ପବିତ୍ର ବେହେରା ଓ ଉପ ଜିଲାପାଳ ଆଲୋକ କୁମାର ପଟେଲ ତଥା ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସାଲେପାଲି ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ , ଜରାସିଂହା କୃଷି ସେବା ସମବାୟ ସମିତିର ନୂତନ କୋଠା ନିର୍ମାଣ ପାଇଁ ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଲିଖିତ ଭାବେ ଦାବି ଜଣାଇଥିଲେ। ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜ ପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ବେଳେ ବିଭାଗୀୟ ଅବହେଳା ପାଇଁ କୋଠା କାମ ହୋଇପାରୁ ନ ଥିବା ଅଭିଯୋଗ ହୋଇଥିଲା। ଏହାବାଦ ବ୍ଲକର ବିଭିନ୍ନ ଗାଁରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୨୫ ଜଣ ଅଭିଯୋଗ କରିଥିବା ବେଳେ ଅନ୍ୟାନ୍ୟ ସମସ୍ୟା ନେଇ ୨୯ଜଣ ଅଭିଯୋଗ କରିଥିଲେ।

# 'ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କଷ୍ଟମ ମିଲିଂ ଚୁକ୍ତି ହେବନି'

**ଜିଲା ମିଲର୍ସ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି**

ବଲାଙ୍ଗୀର, ୨୫।୧୧ (ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ଜିଲା ରାଇସ ମିଲର୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ବୈଠକ।

ବଲାଙ୍ଗୀର ଜିଲାରେ ଆସନ୍ତା ୨ ତାରିଖରୁ ଧାନକିଣା ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କିନ୍ତୁ ମିଲର୍ସମାନଙ୍କ ନ୍ୟାର୍ଯ୍ୟ ଦାବି ସରକାର ଗ୍ରହଣ ନ କରିବା ପର୍ଯ୍ୟନ୍ତ ଚଳିତବର୍ଷ ରାଇସ ମିଲର୍ସମାନେ କଷ୍ଟମ୍ ମିଲିଂ ପାଇଁ ଚୁକ୍ତି କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ଏକ ହୋଟେଲଠାରେ ରବିବାର ବଲାଙ୍ଗୀର ଜିଲା ମିଲର୍ସ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ମିଲର୍ସମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୩୦ ତାରିଖରେ ରାଜ୍ୟ ମିଲର୍ସ ଆସୋସିଏଶନ (ଆରୋମା) ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଉକ୍ତ ଦାବି ସମ୍ପର୍କରେ ସରକାର କିଛି ପଦକ୍ଷେପ ନେଇ ନ ଥିବାରୁ ମିଲର୍ସମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଲର୍ସମାନେ କହିଛନ୍ତି ଯେ, ଦୀର୍ଘ ୨୦ ବର୍ଷ ହେଲା ଗୋଟିଏ ଦରରେ ମିଲର୍ସମାନେ କଷ୍ଟମ୍ ମିଲିଂ ଚାର୍ଜ, ଟ୍ରାନ୍ସପୋର୍ଟିଂ ଚାର୍ଜ ପାଇ ଆସୁଛନ୍ତି। ଇତିମଧ୍ୟରେ ସମସ୍ତ ଜିନିଷର ଦରଦାମ ବୃଦ୍ଧି ହୋଇଥିଲେ ମଧ୍ୟ ମିଲର୍ସମାନଙ୍କ ଦାବି ପୂରଣ ହେଉନାହିଁ। ଫଳରେ ପୂର୍ବ ଧାର୍ଯ୍ୟ ଦରରେ ଆଉ କାମ କରିପାରିବେ ନାହିଁ ବୋଲି ରାଜ୍ୟ ସଂଘ ସରକାରଙ୍କୁ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ମିଲର୍ସ ସଂଘ ବୈଠକ ଡାକି ମିଲର୍ସ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କଷ୍ଟମ୍ ମିଲିଂ ପାଇଁ ଚୁକ୍ତି କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ କହିବା ହେଲା, ଦୀର୍ଘ ୨୦ବର୍ଷ ପୂର୍ବରୁ କଷ୍ଟମ୍ ମିଲିଂ ଦର ନିର୍ଦ୍ଧାରିତ ହୋଇଥିଲା। ଉଷୁନା ଚାଉଳ ମିଲିଂ ପାଇଁ କୁଇଣ୍ଟାଲ ପିଛା ୨୦ ଟଙ୍କା ଓ ଅରୁଆ ଚାଉଳ ମିଲିଂ ପାଇଁ ମାତ୍ର ୧୦ ଟଙ୍କା ଦିଆଯାଉଛି। ଛତିଶଗଡ ଓ ଅନ୍ୟାନ୍ୟ ରାଜ୍ୟ ସରକାର କଷ୍ଟମ୍ ମିଲର୍ସଙ୍କୁ କୁଇଣ୍ଟାଲ ପିଛା ୧୪୦ ଟଙ୍କା ଦେଉଛନ୍ତି। ଛତିଶଗଡ ଭଳି ଏବେ ଓଡିଶାରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯିବା ପାଇଁ ଘୋଷଣା ହୋଇଥିବା ବେଳେ କଷ୍ଟମ୍ ମିଲିଂ ଚାର୍ଜରେ ଏଭଳି ବ୍ୟତିକ୍ରମ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ପରିବହନ ଖର୍ଚ୍ଚ ପାଇଁ କିଲୋମିଟର ପିଛା ମାତ୍ର ୪୦ ପଇସା ଦିଆଯାଉଛି। ଗତ ୨୦୧୮-୧୯ ମସିହାରୁ ଏହି ଦର ବୃଦ୍ଧି ପାଉନାହିଁ।

ସେହିପରି ଗନି ବସ୍ତା ଦେବାରେ ମଧ୍ୟ ଅବ୍ୟବସ୍ଥା ହେଉଛି। ସରକାରୀ ନିୟମ ମୁତାବକ ଯୋଗାଣ ନିଗମ କୁଇଣ୍ଟାଲ ପିଛା ପ୍ୟାକ୍ସକୁ ୨ଟି ଓ ମିଲର୍ସମାନେ ଦୁଇଟି ଗନି ବ୍ୟାଗ ଦେବା କଥା। କିନ୍ତୁ ରାଜ୍ୟ ସରକାର ଏହି ଗନି ବ୍ୟାଗ ପ୍ୟାକ୍ସକୁ ଦେଉନାହାନ୍ତି। ମିଲର୍ସମାନେ ୪ଟି ଗନି ବ୍ୟାଗକୁ ୨୫ ଟଙ୍କା ଦରରେ ମୋଟ ୧୦୦ ଟଙ୍କା ଖର୍ଚ୍ଚ କରି ଖୋଲା ବଜାରରୁ କିଣୁଥିବା ବେଳେ ସରକାର ସେମାନଙ୍କୁ ମାତ୍ର ୧୪ ଟଙ୍କା ୦୫ ପଇସା ଦେଉଛନ୍ତି। ଫଳରେ ମିଲର୍ସମାନେ କ୍ଷତି ସହୁଛନ୍ତି। ସରକାର ସିଧାସଳଖ ଗନି ବ୍ୟାଗ ଯୋଗାଇ ଦିଅନ୍ତୁ ନଚେତ ବସ୍ତା ପ୍ରତି ୨୫ ଟଙ୍କା ପ୍ରଦାନ କରନ୍ତୁ ବୋଲି ମିଲର୍ସ ସଂଘ ଦାବି କରିଛି। ଧାନର କଷ୍ଟୋଡି ଚାର୍ଜ ବର୍ଷକୁ କୁଇଣ୍ଟାଲ ପ୍ରତି ମାତ୍ର ୭ ଟଙ୍କା ୨୦ ପଇସା ଦିଆଯାଉଛି। ମିଲର୍ସମାନେ ଯୋଗାଣ ନିଗମରୁ ଧାନ ନେଇ ତାଙ୍କ ମିଲରେ ଥିବା ଗୋଦାମରେ ରଖୁଛନ୍ତି ଓ ତାକୁ ମିଲିଂ କରି ଚାଉଳ ଫେରାଉଛନ୍ତି। କିନ୍ତୁ ଏବେ ବିଭିନ୍ନ ଆଳ ଦେଖାଇ ରାଜ୍ୟ ଯୋଗାଣ ନିଗମ ଗତ ୧୦ ବର୍ଷରେ ମିଲର୍ସମାନଙ୍କୁ ଦିଆଯାଇଥିବା କଷ୍ଟୋଡି ଚାର୍ଜ ଟଙ୍କାକୁ ଫେରାଇ ଦେବାକୁ ଚିଠି କରିଛି। ଏହା ସିଧାସଳଖ ମିଲର୍ସଙ୍କ ଉପରେ ଜୁଲୁମ ବୋଲି ଅଭିଯୋଗ ଆଣିଛନ୍ତି। ସେହିପରି ମଣ୍ଡି ଅପରେଶନ୍‌କୁ ନେଇ ବଲାଙ୍ଗୀର ଜିଲାରେ ଦ୍ୱନ୍ଦ୍ୱ ଦେଖାଦେଉଛି। ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ଏନେଇ ପ୍ରତିବର୍ଷ ଆଲୋଚନା ହେଉଛି। କିନ୍ତୁ କୌଣସି ବର୍ଷ ମଣ୍ଡି ହେଣ୍ଡଲିଂ ଠିକାଦାର ନିଯୁକ୍ତି କରାଯାଉନାହିଁ। ଚଳିତବର୍ଷ ମିଲର୍ସମାନେ ମଣ୍ଡିରେ ଶ୍ରମିକ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଜଣେ ମିଲର୍ସ ୧୨ରୁ ୧୫ଟି ମଣ୍ଡିରୁ ଧାନ ଉଠାଉ ଥିବାରୁ ସବୁ ମଣ୍ଡିରେ ଶ୍ରମିକ ନିଯୁକ୍ତି କରିବାକୁ ଅସମର୍ଥ ବୋଲି ମିଲର୍ସ ସଂଘ କହିଛି। ଏହି ସବୁ ସମସ୍ୟା ନେଇ ମିଲର୍ସ ଆସୋସିଏଶନ ଜିଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଛି ଓ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କଷ୍ଟମ୍ ମିଲିଂ ପାଇଁ ଚୁକ୍ତି କରିବ ନାହିଁ ବୋଲି କହିଛି। ରାଇସ ମିଲର୍ସଙ୍କ ଏଭଳି ନିଷ୍ପତ୍ତି ପରେ ଜିଲାରେ ଚଳିତବର୍ଷ ଧାନକ୍ରୟ କିଭଳି ହେବ ଆଶଙ୍କା ପ୍ରକାଶ ପାଇଛି।

## ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଭେଟିଲେ ଦେଓଗାଁ ବ୍ଲକ ଜନ ପ୍ରତିନିଧି



ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଦେଓଗାଁ ବ୍ଲକ ଜନପ୍ରତିନିଧିମାନେ ଭେଟୁଛନ୍ତି।

ଦେଓଗାଁ, ୨୫।୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ସୋମବାର ସନ୍ଧ୍ୟାରେ ବଲାଙ୍ଗୀର ସର୍କିଟ ହାଉସଠାରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ତଥା ବଲାଙ୍ଗୀର ଆକାଂକ୍ଷା ଜିଲା ର ନୋଡାଲ ଅଧିକାରୀ ବୀରବିକ୍ରମ ସିଂ ଯାଦବଙ୍କୁ ଦେଓଗାଁ ବ୍ଲକର ଜନପ୍ରତିନିଧି ଦଳ ସାକ୍ଷାତ କରି ବିଭିନ୍ନ ଉନ୍ନୟନ କାମ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଏଡିଏମ ପବିତ୍ର ବେହେରା ଓ ଡ.ବିଜୟାନନ୍ଦ ସେଠୀ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏନ.କେ.ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ କୁମାର ମେହେର ଙ୍କ ନେତୃତ୍ୱରେ ମୁକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ଦେଓଗାଁ ପ୍ୟାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ଯୁବନେତା ପ୍ରମୋଦ କୁମାର ବହିଦାର, ବିରେନ ଦଲାଇ, ବିରେନ ସେଠ ପ୍ରମୁଖ ସାକ୍ଷାତ କରିଥିଲେ। ଦେଓଗାଁ ବ୍ଲକର ବରକାନୀରେ ବୁଣାକାରମାନଙ୍କ ପାଇଁ ଦକ୍ଷତା ତାଲିମ କେନ୍ଦ୍ର ସ୍ଥାପନ, ଦେଓଗାଁ ଯୋଗୀ ସାଗର , ମୁରସିଂ ଗୁଞ୍ଜିମୁଣ୍ଡା, ଖଗସିକନାର ଖଗସୀକଟା, ପର୍ଯ୍ୟଟନସ୍ଥଳୀ ଭୀମପାହାଡ ଓ ଦେଷଣ୍ଡ ଚାନ୍ଦଲିପାହାଡରେ ଇକୋ ଟୁରିଜିମ କରିବା, ଦେଓଗାଁରେ ବିହନ ବଣ୍ଟନ କେନ୍ଦ୍ର ସ୍ଥାପନ, ବିଭିନ୍ନ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ, ବିଭିନ୍ନ ଜଳାଶୟର ଉନ୍ନତୀକରଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ତଥା ସିକୁଆଁର ଐତିହାସିକ ଶିବମନ୍ଦିର, ଶୁଲିଆପୀଠ ଓ ଅନ୍ତର୍ଲାର କାନ୍ଦୁଲବୁଢ଼ା ପୀଠର ଉନ୍ନତୀକରଣ କରିବା ପାଇଁ ଜନପ୍ରତିନିଧି ମାନେ ସଚିବଙ୍କୁ ଦାବି ଜଣାଇଥିଲେ।

## ଖପ୍ରାଖୋଲ ତହସିଲ ସମ୍ମୁଖରେ ଗଣଧାରଣା

**ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବି**

ଖପ୍ରାଖୋଲ, ୨୫।୧୧ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖା ତରଫରୁ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ସୋମବାର ଗଣଧାରଣା ଦିଆଯାଇଛି। ଆନ୍ଦୋଳନକାରୀମାନେ ସ୍ଥାନୀୟ ଥାନା ଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ଚାରିପଟରେ ଏକ କମ୍ପାନୀ ଜମି ଅଧିଗ୍ରହଣ କରିଥିବା ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସରକାରଙ୍କ ଠାରୁ ସ୍ୱଷ୍ଟୀକରଣ ଲୋଡିବା ସହିତ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି କରିଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟ ସିଂ ପୂଜାରୀ, ଅନନ୍ତ ବାରିକ ଯୁଗ୍ମ ଆବାହକ, ଟେକେନ୍ଦ୍ର ଜାଲ, କ୍ଷମାନିଧି ଭୋଇ, ରଘୁନାଥ ସିଂ ବରିହା, ଶଶିରେଖା ଧରୁଆ, ଯଶୋବନ୍ତ ବରିହା, କୁଶ ଧଜ ମାଝୀ, ସୁଶୀଲ ନାଏକ, ନୀଳମାଧବ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଛନ୍ତି। ବରଗଡ଼ ଜିଲାରୁ ରାଜ କୁମାର ସେଠ, ଡାଇମଣ୍ଡ ଭୁଏ, ପ୍ରଶାନ୍ତ ମାଝୀ, ସଞ୍ଜୀବ ବରିହା, ମୋହନ ଜଗତ, କ୍ଷେତ୍ର ଲୁହାର, ଧବଳେଶର ସାହୁ, ଗିରିଶ ଦଣ୍ଡସେନା, ନକୁଲ ବରିହା, ନରସିଂହ ବନଛୋର ପ୍ରମୁଖ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ଧାରଣାରେ ବସିଥିବା ଜଣାପଡିଛି। ସୂଚନା ଯୋଗ୍ୟ, ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଓ ବରଗଡ ଲୋକ ସଭା ଏମ୍‌ପି ତଥା ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ନେତା ପ୍ରଦୀପ ପୁରୋହିତ ଗନ୍ଧମାର୍ଦ୍ଦନ ପାହାଡରେ ଖଣି ଖନନ ହେବାରୁ ଦିଆଯିବ ନାହିଁ ବୋଲି କହିସାରିଛନ୍ତି।

## ଜଳିଗଲା ବୋରୱେଲ ମେଶିନ: କଲେଜ ପରିସର ଧୂଆଁମୟ

**ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର**

ସଇଁତଲା, ୨୫।୧୧ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲାଠାରେ ଥିବା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ସୋମବାର ଏକ ବୋରୱେଲ ମେଶିନ ଜଳି ଯିବାରୁ କଲେଜ ପରିସର ଧୂଆଁମୟ ହୋଇଯିବା ସହ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, କଲେଜ ପରିସରରେ ଏକ ନଳକୂପ ଖନନ କରିବାକୁ ଏହି ମେଶିନ



ପହଞ୍ଚି ଥିଲା। କିନ୍ତୁ ନଳକୂପ ଖନନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରଥମେ ଉକ୍ତ ମେଶିନରେ ନିଆଁ ଲାଗିଥିଲା। ପରେ ନିକଟରେ ଥିବା ଡ଼ିଜେଲ ଗାଡ଼ିରେ ମଧ୍ୟ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଜାଣିବା ପରେ କଲେଜ କର୍ତ୍ତୃପକ୍ଷ' ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ମେଶିନ ଓ ଗାଡ଼ି ପୋଡ଼ିଯାଇଥିବା ଦେଖିବାକୁ ମିଳିଛି। ନିଆଁ ଲାଗିବା ସମୟରେ କଲେଜର ଛାତ୍ରୀଛାତ୍ର ଶ୍ରେଣୀ କୋଠରୀରେ ଏବଂ ଅନ୍ୟ କେହି କିଛି ଦୂରରେ ଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

## 'ଶିଶୁବିକ୍ରି, ମହିଳା ନିର୍ଯାତନା ଘଟଣା ବଲାଙ୍ଗୀର ସୁନାମରେ ଆଞ୍ଚ ଆଣିଛି'

- **ବଲାଙ୍ଗୀରରେ ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ**
- **ନବଜାତ ଶିଶୁର ମା'ଙ୍କୁ ଭେଟିଲେ ଦଳ**

ବଲାଙ୍ଗୀର/ଲାଠୋର, ୨୫।୧୧ (ବୀରେନ୍ଦ୍ର କୁମାର ଝାଙ୍କର/ ଭୁବନେଶ୍ୱର ବାରିକ)



ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ।

ବଲାଙ୍ଗୀର ଜିଲା ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଶିଶୁ ବିକ୍ରି, କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଏବଂ ଅଖାଦ୍ୟ ଖୁଆଇବା ଏବଂ ବଲାଙ୍ଗୀର ସହରର ଜଣେ ଯୁବତୀଙ୍କୁ ଟିଟିଲାଗଡ଼ ବିଧାୟକଙ୍କ ସମ୍ପର୍କୀୟଙ୍କ ନିର୍ଯାତନା ଅଭିଯୋଗ ବଲାଙ୍ଗୀର ଜିଲାର ସୁନାମରେ ଆଞ୍ଚ ଆଣିଛି। ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ମତ ପ୍ରକାଶ କରିଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରିତା ସାହୁ, ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର, ଜିଲା ପରିଷଦ ସଭାପତି ଦେବକୀ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ମେହେର, ଜିଲା ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ ଓ କଳାହାଣ୍ଡିର ବିଜେଡି ନେତ୍ରୀ ଲଳିତା ନାଏକ ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରିବା ପରେ ବଲାଙ୍ଗୀର ଆସି ଖବରଦାତା ସମ୍ମିଳନୀ କରିଥିଲେ। ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି ତଥ୍ୟ ଅନୁସନ୍ଧାନକାରୀ ଦଳ ଆସିଛି ଓ ବଲାଙ୍ଗୀର ଜିଲାର ଉପରୋକ୍ତ ଆପରାଧିକ ଘଟଣାଗୁଡ଼ିକୁ ଦୃଢ଼ ନିନ୍ଦା କରିଛି ବୋଲି ସ୍ନେହାଙ୍ଗିନୀ କହିଥିଲେ। ୨୫ ବର୍ଷ ପୂର୍ବେ ଶିଶୁ ବିକ୍ରି କଥା ଉଠୁଥିଲା। ଏବେ ଭାଜପା ସରକାର ଆସିବା ପରେ ପୁଣି ଶିଶୁ ବିକ୍ରି ହେଲାଣି। ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏହି ଘଟଣା ଘଟିଛି। ଏଥିରେ ସରକାରୀ ଅଫିସର ସମ୍ପୃକ୍ତ ଅଛନ୍ତି ବୋଲି କହିଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଏବଂ ଅଖାଦ୍ୟ ଖୁଆଇବା ଘଟଣାରେ କଣ୍ଟାବାଞ୍ଜି ବିଧାୟକଙ୍କ ଜଣେ ସମ୍ପର୍କୀୟ ଅଭିଯୁକ୍ତ ବୋଲି ସ୍ନେହାଙ୍ଗିନୀ କହିଥିଲେ। ବିଧାୟକଙ୍କ ଛତ୍ରଛାୟା ତଳେ ଅଭିଯୁକ୍ତ ସୁରକ୍ଷିତ ଥିଲେ ବୋଲି କହିଥିଲେ। ବଲାଙ୍ଗୀର ସହରର ଜଣେ ନାବାଳିକାଙ୍କୁ ୨୦୧୫ ମସିହାରେ ବିବାହ କରାଯାଇଥିଲା। ଏଥିରେ ଏବର ଟିଟିଲାଗଡ଼ ବିଧାୟକ ସମ୍ପୃକ୍ତ ଥିଲେ ବୋଲି ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ମନ୍ତ୍ରୀ ଅଛନ୍ତି। ରାଜ୍ୟର କୁଚିଣ୍ଡା, ନୀଳଗିରି, ରେମୁଣା, ଭରତପୁର ଏବଂ ବଲାଙ୍ଗୀରରେ ମହିଳାଙ୍କୁ ଅତ୍ୟାଚାର ବଢ଼ିଛି ଓ ମୁଖ୍ୟମନ୍ତ୍ରୀ ଚୁପ୍ ବସିଛନ୍ତି ବୋଲି କହିଥିଲେ। ଗତ ୬ ମାସ ମଧ୍ୟରେ ରାଜ୍ୟରେ ମହିଳା, ଆଦିବାସୀ ଓ ଦଳିତଙ୍କ ଉପରେ ନିର୍ଯାତନା ଢେର୍ ବଢ଼ିଛି ବୋଲି ଅଭିଯୋଗ କରିବା ସହ ଏହାକୁ ବିଜେଡି ଦୃଢ଼ ନିନ୍ଦା କରୁଛି ବୋଲି କହିଥିଲେ। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ମମିତା ମେହେର ହତ୍ୟା ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଉଠି ଚାଲିଯାଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ନାବାଳିକା ବିବାହ ଓ ନିର୍ଯାତନା ଘଟଣାରେ ଟିଟିଲାଗଡ଼ ବିଧାୟକ ତାଙ୍କର କିଛି ସମ୍ପୃକ୍ତି ନାହିଁ ବୋଲି ଗଣମାଧ୍ୟମ ଆଗରେ କହିସାରିଛନ୍ତି। ଖବରଦାତା ସମ୍ମିଳନୀ ପୂର୍ବରୁ ଟିମ୍‌ର ସଦସ୍ୟା ସଦସ୍ୟମାନେ ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଗସ୍ତ କରି ନବଜାତ ଶିଶୁକନ୍ୟା ବିକ୍ରି ଘଟଣାର ପୀଡ଼ିତ ପରିବାରବର୍ଗଙ୍କୁ ଭେଟିଥିଲେ। ପୀଡ଼ିତ ପରିବାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ଗସ୍ତ ସମୟରେ ଜିଲା ପରିଷଦ ଉପସଭାପତି ମିଥିଳା ମାଝି, ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ପଟେଲ, ବିଜେଡିର ପବିତ୍ର ପଟେଲ, ସଞ୍ଜୁକ୍ତା ମେହେର, ସତ୍ୟନାରାୟଣ ମେହେର, ରମେଶ ପ୍ରଧାନ, ସନ୍ତୋଷ ତାଣ୍ଡିଙ୍କ ସହ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀ ପରେ ତଥ୍ୟ ଅନୁସନ୍ଧାନକାରୀ ଟିମ୍‌ର କେତେଜଣ ସଦସ୍ୟ ବଲାଙ୍ଗୀରର ପୀଡ଼ିତା ଯୁବତୀଙ୍କୁ ଭେଟି ଆଲୋଚନା କରିଥିଲେ।

## କଣ୍ଟାବାଞ୍ଜିରେ ସମ୍ବିଧାନ ସଚେତନ ରଥକୁ ସ୍ୱାଗତ

କଣ୍ଟାବାଞ୍ଜି, ୨୫।୧୧ (ଗୁରୁ ଦୟାଲ ହଂସ)

ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଅବସରରେ ସମ୍ବିଧାନ ସଚେତନ ରଥ ଓଡିଶା ପରିଭ୍ରମଣ କରୁଛି। ସୋମବାର କଣ୍ଟାବାଞ୍ଜି ସହରର ସମ୍ବିଧାନ ଛକଠାରେ ଏହି ରଥକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ବକ୍ତାମାନେ ସମ୍ବିଧାନର ଅଧିକାର ବିଷୟରେ କହିଥିଲେ। ଏହି ଅବସରରେ ହିମାଂଶୁ ବିଭାର, ବିକାଶ ଚନ୍ଦ୍ର ଦୀପ, ବିପିନ ବିହାରୀ ବାରିକ ,ରମେଶ ମହାନନ୍ଦ ,ରତୀନ୍ଦ୍ର ରାୟ ,କାମେଶ୍ୱର ତାଣ୍ଡି, ସଚିନ ବିଭାର, ଜିତେନ୍ଦ୍ର ଖୁରା, ସନ୍ତୋଷ କୁମାର ଖୁରା, କୁସୁମ ବିଭାର, ସଂଯୁକ୍ତା ବିଭାର,ବୃନ୍ଦାବତୀ ଖୁରା, ତୁଳସୀ ରାମ ଜଗତ, ରୋହନ ମହତ ,ସନ୍ତୋଷ ନାଗ,ପାର୍ଥବ ମହାନନ୍ଦ, ମାଧବ ବୋଏ,ରେସବ ମହାନନ୍ଦ, ମୋହନ ସୁନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

**କାମ କରିବାକୁ ଯାଇଥିଲେ ତାମିଲନାଡୁ**

ସଇଁତଲା, ୨୫।୧୧ (ରାଖାଲ ପ୍ରସାଦ ଶତପଥୀ)

ଦାଦନ ଶ୍ରମିକଙ୍କ ଦୁଃଖ ବଲାଙ୍ଗୀର ଜିଲାର ପିଛା ଛାଡୁନାହିଁ। ସଇଁତଲା ବ୍ଲକ ଅଞ୍ଚଳର ଜଣେ ଦାଦନ ଶ୍ରମିକ ଭଲ ରୋଜଗାର ଆଶାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସୋମବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି।

ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ଗ୍ରାମର କଳାକାର ରଣା (୩୫) ତାଙ୍କ ପରିବାର ସହ ଗତ ୬ ମାସ ତଳେ ଦାଦନ ଖଟିବାକୁ ତାମିଲନାଡୁର ତ୍ରିପୁରକୁ ଯାଇଥିଲେ। ସେଠାରେ ସେ ଜଣେ ଠିକାଦାରଙ୍କ ନିକଟରେ ରହି ଘର ତିଆରି କାମ କରୁଥିଲେ। ନିକଟରେ କାମ କରୁଥିବା ସମୟରେ ତାଙ୍କ ଉପରେ ଏକ କାନ୍ଥ ପଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଠିକାଦାର ଏବଂ ଘର ମାଲିକ ଏକ ଆମ୍ବୁଲାନ୍ସ ଯୋଗେ କଳାକାରଙ୍କ ମୃତଦେହ ସହ ପରିବାର ଲୋକଙ୍କୁ ପଠାଇବା ବ୍ୟବସ୍ଥା କରିଥିଲେ। ମୃତକଙ୍କ ପରବାର ଲୋକଙ୍କୁ



ମୃତ କଳାକାରଙ୍କ ଫାଇଲ ଫଟୋ।

୨୦ ହଜାର ଟଙ୍କା ଦେଇ ଗ୍ରାମକୁ ପଠାଇ ଦିଆଯାଇଥିଲା। ସୋମବାର ଅପରାହ୍ନରେ ମୃତଦେହ ଗଣ୍ଡପତ୍ରାପାଲି ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ସରପଞ୍ଚ ମନୀଷ ସୁନା ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ପରିବାରକୁ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି। ତହସିଲଦାର ଏବଂ ରାଜସ୍ୱ ଅଧିକାରୀ ସେଠାରେ ପହଞ୍ଚି ରେଡ଼କ୍ରସ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୃତ କଳାକାର ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ, ୭ ବର୍ଷର ପୁଅ ଓ ୬ ବର୍ଷର ଝିଅ ଅସହାୟ ହୋଇଯାଇଛନ୍ତି। ପ୍ରଶାସନ ଏହି ପରିବାରକୁ ଆର୍ଥିକ ସହାୟତା ଦେବାକୁ ସରପଞ୍ଚ ସୁନା ଦାବି କରିଛନ୍ତି।

## ସିନିୟର ଇନଟ୍ରା କ୍ଲବ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

**ଏନ୍‌ସିଏ ବଲାଙ୍ଗୀର ବିଜୟୀ**

ବଲାଙ୍ଗୀର, ୨୫।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଓଡିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଓ କ୍ରିକେଟ୍ କୋଚ ଅରୁଣ ନାଏକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ କେଓ୍ୱାଇଏସ୍‌ସି କଣ୍ଟାବାଞ୍ଜି ଓ ବଲାଙ୍ଗୀର ଏନ୍‌ସିଏ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନ୍‌ସିଏ ଦଳ ଟସ୍ ଜିଣି



ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ କ୍ରୀଡା ସଂସଦ କାର୍ଯ୍ୟକର୍ତ୍ତା।

ପ୍ରଥମେ ବ୍ୟାଟିଂ କରି ସମୁଦାୟ ୨୬୬ ରନ୍ ସଂଗ୍ରହ କରି ଅଲଆଉଟ ହୋଇ ଯାଇଥିଲେ। ଦଳ ପକ୍ଷରୁ ରାଘବେନ୍ଦ୍ର ତ୍ରିପାଠୀ ସର୍ବାଧିକ ୧୧୧ ରନ୍ ସଂଗ୍ରହ କରିଥିଲେ। କେଓ୍ୱାଇଏସ୍‌ସି ପକ୍ଷରୁ ସଫଳ ବୋଲର ଭାବରେ ସମୀର ଖାନ ଓ ଶ୍ୟାମ ବଛା ପ୍ରତ୍ୟେକ ତିନିଗୋଟି ଲେଖାଏ ଉଇକେଟ ନେଇଥିଲେ। ୨୬୬ ରନ୍ ର ବିଜୟ ଲକ୍ଷ୍ୟକୁ ପିଛା କରି କେଓ୍ୱାଇଏସ୍‌ସି ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୧୦୯ ରନ୍ ସଂଗ୍ରହ କରିଥିଲେ। ଫଳରେ ଏନ୍‌ସିଏ ଦଳ ୧୫୭ ରନ୍‌ରେ ବିଜୟୀ ହୋଇଥିଲେ। ଏନ୍‌ସିଏ ପକ୍ଷରୁ ସଫଳ ବୋଲର ଭାବରେ ଯୋଗେଶ୍ୱର ବାଗ ସର୍ବାଧିକ ୫ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ୍ ଓ ମୁକେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ୭୬ କେଜି ଗଞ୍ଜେଇ ଜବତ, ୨ ଗିରଫ



ବୌଦ୍ଧ,୨୫।୧୧ (ଅଜିତ କୁମାର ବାରିକ)

ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କୋଣାର୍କ ଥାନା ଯଦୁପୁର ଗ୍ରାମର ପ୍ରଦିପ୍ତ ମୁଦୁଲି ଓ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଗଞ୍ଜୁଗୁଡା ଗ୍ରାମର ରୋଶନ ସାହାଣି । କନ୍ଧମାଳ ଜିଲାରୁ ବୌଦ୍ଧ ଜିଲା ଦେଇ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବୌଦ୍ଧ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋମବାର ସକାଳୁ ସହରର ବ୍ରିଜ ଛକଠାରେ ଜଗି ରହିଥିଲା । ଏହି ସମୟରେ ସନ୍ଦେହରେ ଏକ କାର( ନଂଓଡି-୩୩- ଏଏଚ-୮୯୩୫ )କୁ ଯାଞ୍ଚ କରିବାରୁ ଗାଡିରେ ଦୁଇଟି ବସ୍ତାରେ ଥିବା ଗଞ୍ଜେଇ ଜବତ କରିଥିଲା । ଏହାକୁ ଓଜନ କରିବାରୁ ୭୬ କେଜି ହୋଇଥିଲ। ପୋଲିସ ନଂ୪୨୨/୨୪ ରେ ମାମଲା ରୁଜୁ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ଗଞ୍ଜେଇ ଚାଷ ନଷ୍ଟ

ବୌଦ୍ଧ,୨୫।୧୧ (ଅଜିତ କୁମାର ବାରିକ)

ପୋଲିସ ପକ୍ଷରୁ ବୌଦ୍ଧ ବ୍ଲକର ଆଭ୍ୟନ୍ତରୀଣ ଜଙ୍ଗଲରେ ଲଗାତାର ଭାବରେ ଚଢାଉ କରାଯାଇ ବହୁ ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସୂଚନା ମୁତାବକ ବୌଦ୍ଧ ଏସ୍‌ପି ନାଗରାଜ ଦେୱରକୋଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ଗୋଛାପଡା ଗ୍ରାମ ନିକଟରେ ଚଢାଉ କରାଯାଇ ୩୬ ଏକର ଅଞ୍ଚଳରେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ନିଆଁରେ ପୋଡି ନଷ୍ଟ କରାଯାଇଛି। ଜଙ୍ଗଲ ମଧ୍ୟରେ ଆହୁରି ବେଆଇନ ଭାବେ ଗଞ୍ଜେଇ ଚାଷ କରାଯାଇଛି। ଲଗାତାର ଭାବରେ ଚଢାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ଆର.କେ. ମୁନୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ , ରାଜସ୍ୱ ନିରୀକ୍ଷକ ଏହି ଚଢାଉରେ ସାମିଲ ଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଟାଯାଇଥିବା ଗଞ୍ଜେଇ ଗଛଗୁଡିକ ନଷ୍ଟ କରାଯାଇଥିଲା। ଏନେଇ ପୋଲିସ ନଂ ୪୨୩/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ତମ୍ବା ତାର ଚୋରି ଘଟଣା : ୨ ଗିରଫ

ବାଉଁଶୁଣୀ,୨୫।୧୧(ଦେବାଶିଷ ନେପାକ)

ତମ୍ବା ତାର ଚୋରି ଘଟଣାରେ ପୋଲିସ ସୋମବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ଗତ ୨୩ ତାରିଖ ରାତିରେ ଏକ ଯାତ୍ରୀବାହୀ ବସରେ କଣ୍ଟାମାଳ ଅଞ୍ଚଳରୁ ୭୮ କେଜି ତମ୍ବା ତାର ଚୋରା ଚାଲାଣ ବେଳେ ବାଉଁଶୁଣୀ ପୋଲିସ ଜବତ କରିଥିଲା । ତମ୍ବା ତାର ଚୋରି ଓ ଚାଲାଣରେ ସମ୍ପୃକ୍ତ ଥିବା ନୟାଗଡ ଅଞ୍ଚଳର ପଞ୍ଚାନନ ବେହେରା ଓ ଚିନ୍ତାମଣି ଧଳଙ୍କୁ ପୋଲିସ ଗିରଫ କରିଥିଲା ।

# ଅଭିଯୁକ୍ତଙ୍କୁ ୧୮ ବର୍ଷ ୬ ମାସ କାରାଦଣ୍ଡ

## ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ମାମଲା

ସୋନପୁର,୨୫।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ଆମ୍ବୁଲାନ୍ସରେ ବିପୁଳ ପରିମାଣରେ ଗଞ୍ଜେଇ ରାଜ୍ୟ ବାହାରକୁ ଚୋରାଚାଲାଣ ମାମଲାର ବିଚାରକରି ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ଦିଲୀପ କୁମାର ବିଶ୍ୱାଳ ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଛତିଶଗଡ଼ ରାଜ୍ୟ ରାୟପୁର ଜିଲା ଟିକ୍ରାପଡା ଥାନା ସି. ଜି. ନଗର ଅଞ୍ଚଳର ଉପେନ୍ଦ୍ର କୁମାର ସାହୁ(୩୪)ଙ୍କୁ ୧୮ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ ଫେବୃଆରୀ ୨୩ ତାରିଖ ସକାଳେ ଏକ ଧଳାରଙ୍ଗର ଆମ୍ବୁଲାନ୍ସ (ନଂ. ସିଜି୦୭ବିଏଚ୍-୧୬୧୪) ବୌଦ୍ଧ ଜିଲାର ମନମୁଣ୍ଡାପଟୁ ଆସୁଥିଲା। ଏଥିରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍‌କୁ ସୂଚନା ମିଳିଥିଲା। ତଦନୁଯାୟୀ ଅବକାରୀ ବିଭାଗର ଟିମ୍ ରାସ୍ତାରେ ଜଗି ରହିଥିଲେ। ପଟାଭାଡି ଛକରେ ଏହି ଆମ୍ବୁଲାନ୍ସ ଦ୍ରୁତଗତିରେ ଯାଉଥିବା ବେଳେ ଅବକାରୀ ଟିମ୍ ପିଛା କରିଥିଲା। ଡ୍ରାଇଭର ସୋନପୁର ବ୍ଲକ ଛକ ନିକଟରେ ଆମ୍ବୁଲାନ୍ସକୁ ରଖି ଫେରାର ହୋଇଯିବାକୁ ଚେଷ୍ଟା କରିଥିଲେ। ତେବେ ଅବକାରୀ ବିଭାଗ ଟିମ୍ ଡ୍ରାଇଭର ଉପେନ୍ଦ୍ରଙ୍କୁ କାବୁ କରି ନେଇଥିଲେ। ଆମ୍ବୁଲାନ୍ସ ତନଖି ସମୟରେ ୧୪ଟି ଜରି ବ୍ୟାଗ୍‌ରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ ପରେ ୪ କୁଇଣ୍ଟାଲ ୨୦ କିଲୋଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ଡ୍ରାଇଭର ଉପେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଅବକାରୀ ବିଭାଗ ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ମାମଲା ସ୍ପେଶାଲ କେସ୍(ନଂ.୬/୨୦୨୩) ଅନୁସାରେ ଶୁଣାଣି ହୋଇଥିଲା। ବିଭାଗ ପକ୍ଷରୁ ଦାଖଲ କାଗଜପତ୍ରର ତଦାରଖ ସହ ମାମଲାର ଶୁଣାଣି ବେଳେ ୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରକାଶ ଚନ୍ଦ୍ର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ସଙ୍କୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା



ମଞ୍ଚାସୀନ ଅତିଥିମାନେ।

ଅମରପାଲି,୨୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ସରସ୍ୱତୀ ଶିଶୁମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ କିଶୋର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ସୁବଳୟା ସମେତ ବୀରମହାରାଜପୁର, ଉଲୁଣ୍ଡା, ଧର୍ମଶାଳା, ଚଡେପଙ୍ଗ, ହିଙ୍ଗମା ଆଦି ୬ଟି ସ୍କୁଲରୁ ୧୭ଜଣ ଆଚାର୍ଯ୍ୟ ଯୋଗଦେଇଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ଉପ ସଭାପତି ଚନ୍ଦ୍ରମଣି ବାଘ କର୍ମଶାଳ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁବର୍ଣ୍ଣପୁର ଶିଶୁ ବାଟିକା ପ୍ରମୁଖ ସୁକାନ୍ତ ପୁରୋହିତ ସମସ୍ତଙ୍କ କଳାଂଶ ନେଇଥିଲେ । ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଚମ୍ପାମାଳ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି

ଅମରପାଲି,୨୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ ଅଭିଯୋଗ ଶୁଣାଣୀ ଶିବିର ସୋମବାର ବ୍ଲକ ଓଏଲଏମ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର ପୁନମ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଥାନା ଅଧିକାରୀ ଶୋଭକର ସେଠ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ସଞ୍ଜୟ ମହାପାତ୍ର ଯୋଗଦେଇ ଅଭିଯୋଗ ଶୁଣିଥିଲେ। ପୂର୍ବରୁ ସୂଚନା ଦିଆ ଯାଇ ନ ଥିବାରୁ କାଁ ଭାଁ ଅଭିଯୋଗକାରୀ ଆସି ଅଭିଯୋଗ କରୁଥିଲେ। ଏହା ବ୍ଲକର ପ୍ରଥମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଥିଲା। ଶିବିରରେ ଅଭିଯୋଗକାରୀ ସଂଖ୍ୟା ଠୁ ଅଭିଯୋଗ ଶୁଣାଣି ଅଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା। ୧୯ ଅଭିଯୋଗ ମଧ୍ୟରୁ ୧୭ ବ୍ୟକ୍ତିଗତ ଏବଂ ୨ଟି ଗୋଷ୍ଠୀଗତ ହୋଇଥିଲା। ସିଡିପିଓ ମଞ୍ଜୁଲତା ସ୍ୱାଇଁ, ବିଏସ୍‌ଏସ୍‌ଓ ଅଞ୍ଜୁଲତା ମିଶ୍ର, ବ୍ଲକ କୃଷି ଅଧିକାରୀ ଯଶୋବନ୍ତ ପଧାନ, ଓଏଲଏମର ବିଏଲସି ରମାକାନ୍ତ ହରିପାଲ, ଏଡିଇଓ ବିଶଜିତା ମିଶ୍ର ଯୋଗଦେଇଥିଲେ। ପିଇଓ ଅକ୍ଷୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ଅଭିଯୋଗ ଶୁଣାଣୀ ଶିବିରରେ ଅଧିକାରୀମାନେ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ତରଭା, ୨୫।୧୧(ମାନଭଞ୍ଜନ ମିଶ୍ର)

ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ ଶିବିରରେ ଯୋଗଦାନ କରି ୬୪ ପଞ୍ଜୀକୃତ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୨୮ଟି ସାମୂହିକ ଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବିଡିଓ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ତରଭା ତହସିଲଦାର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ଜିଲା ଯୋଗାଣ ଅଧିକାରୀ ପ୍ରଭାତ କୁମାର ଦାସ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଯୋଗଦାନ କରିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର



ଅଭିଯୋଗ ଶୁଣାଣି ଅବସରରେ ଜଣେ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ବୌଦ୍ଧ,୨୫।୧୧( ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକର ମୁଣ୍ଡାପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡାଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୭୫ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୬୩ ଗୋଟି ବ୍ୟକ୍ତିଗତ ମାମଲା ଓ ୧୨ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ଶିବିରରେ ୪୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ଜଣଙ୍କୁ ହୁଇଲ ଚେୟାର . ଜଣଙ୍କୁ ଟ୍ରାଇ ସାଇକେଲ ଓ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଶିବିରରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ସୋନପୁର,୨୫।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ପରିସରରେ ଷଷ୍ଠ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ୍ ଭଗବତ ଗୀତାର ଚତୁର୍ଥ ଅଧ୍ୟାୟ ଆବୃତ୍ତି କରିଥିଲେ। ସୋନପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷା ରେଣୁକା ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆକାଶ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗୀତାରେ 'କ' ବିଭାଗରୁ ସ୍ୱୟଂପ୍ରଭା ମିଶ୍ର, ସୁଲଗ୍ନା କଣ୍ଟା ଓ ରାଜରଘୁବୀର ମିଶ୍ର 'ଖ' ବିଭାଗରୁ ସିମ୍ରନ ସାହୁ, ପ୍ରତ୍ୟୁଷା ପି.ଦାସ ଓ ଦିବ୍ୟ ପଣ୍ଡା 'ଗ' ବିଭାଗରୁ ଆଦେଶ ଥନାପତି, ଯସ୍ମୀନ ଆଚାର୍ଯ୍ୟ ଓ ତ୍ରିଷ୍ଣା ତମାନ୍ନା ଗୁରୁ ଏଂ ଘ' ବିଭାଗରୁ ଲକ୍ଷ୍ମୀପ୍ରିୟା ପଧାନ, ଅର୍ପିତା ସୁମନ ମହାନ୍ତି ଓ ଅଙ୍କିତା ସାହୁ ପୁରସ୍କୃତ ହୋଇଛନ୍ତି। ଆସନ୍ତା ଡ଼ିସେମ୍ବର ୨୬ ରେ ହରିହରାନନ୍ଦ ଗୁରୁକୁଳମ, ବାଲିଘାଇ, ପୁରୀରେ ହେବାକୁ ଥିବା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗୀତାକୁ ସେମାନେ ଉତ୍ତୀର୍ଣ୍ଣ ହେଇଛନ୍ତି। ତରଭା ଏଇଏସ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶମ୍ଭୁଭୂଷଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସଂସ୍କୃତ ଅଧ୍ୟାପକ କୈଳାସ ଚନ୍ଦ୍ର ଚାନ୍ଦ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଜିର ଯୁବସମାଜ ହିଁ ଏକ ସମୃଦ୍ଧ ଭାରତ ଗଠନରେ ସହାୟକ ହୋଇ ପାରିବେ ବୋଲି କହିଥିଲେ। ସଂସ୍କୃତ ବିଦ୍ୱାନ ତଥା ଗୀତାପ୍ରେମୀ ଡ଼. ସୁରେଶ କୁମାର ପଣ୍ଡା, ପଦ୍ମନାଭ ନନ୍ଦ, ସୌମିତ୍ରୀ ନାୟକ, ଲକ୍ଷ୍ମୀନାରାୟଣ ପୂଜାହାରି, ସନ୍ତୋଷିନୀ ନାୟକ, ସାବିତ୍ରୀ ବର୍ମା, ହରିଶ୍ଚନ୍ଦ୍ର ହୋତା, ସଂଜୁରାଣୀ ସିଂ, କୃଷ୍ଣଚନ୍ଦ୍ର ରଥ, ପଦ୍ମନାଭ ମେହେର, ସୁରେଶ ଚନ୍ଦ୍ର ପଧାନ, ନିତ୍ୟାନନ୍ଦ ପଧାନ ପ୍ରମୁଖ ବିଚାରକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ବାଲଗୋପାଳ ଚାନ୍ଦ ଓ ସହସ୍ରାଂଶୁ ପଟ୍ଟନାୟକ ପୁରସ୍କାର ବିତରଣରେ ସହାୟତା କରିଥିଲେ। ଗୀତା ଆବୃତ୍ତି ପ୍ରତିଯୋଗିତା ଦ୍ୱାରା ଶିଶୁମାନଙ୍କ ମନରେ ଭାରତୀୟ ସଂସ୍କୃତି ଓ ବିଚାରାଧାରାର ଉଦ୍ରେକ ହେଉଥିବାରୁ ବରେଣ୍ୟ ଅତିଥିଗଣ ପ୍ରଜ୍ଞାନ ମିଶନର ଭୂୟସୀ ପ୍ରଶଂସା କରିଥିଲେ । ପ୍ରଜ୍ଞାନ ମିଶନର ଜିଲା ସଂଯୋଜକ ଅଚ୍ୟୁତାନନ୍ଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲୋକେଶ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥି ଓ ପ୍ରଜ୍ଞାନ ମିଶନର କର୍ମକର୍ତ୍ତାଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

# ବଜରଙ୍ଗ ଦଳ ତରଫରୁ ରକ୍ତଦାନ ଶିବିର

ଅମରପାଲି, ୨୫।୧୧(ପୀତାମ୍ବର ସାହୁ)

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ବୀରମହାରାଜପୁର ପ୍ରଖଣ୍ଡ ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବୀରମହାରାଜପୁର ଥାନା ଏସଆଇ ଅବିନାଶ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଶ୍ୱ ହିନ୍ଦୁ ପରିଷଦ, ଜିଲା ସହସମ୍ପାଦକ ବିଷ୍ଣୁ ଭାଇ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ଜିତୁ ବଡମାଳି, ଜିଲା ସହ ସଂଯୋଜକ ସୁବ୍ରତ ଭାଇ, ମିଳନ କେନ୍ଦ୍ର ପ୍ରମୁଖ ଅଂଶୁମାନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଖଣ୍ଡ ସଂଯୋଜକ ଅବନିଶ ହୋତା ଓ ସହ ସଂଯୋଜକ ପ୍ରକାଶ ଭାଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ବଳ ଉପାସନା ପ୍ରମୁଖ ମନୋଜ ହୋତା, ପ୍ରଖଣ୍ଡ ସହ ସଂଯୋଜକ ରମାକାନ୍ତ ଭାଇ, ସୁରକ୍ଷା ପ୍ରମୁଖ ବିଦ୍ୱାନ ଦାସ, ରୋହିତ ହୋତା, ଅର୍ମନ ବାଘ, ଚିନୁ ପଣ୍ଡା, ବିକି ମହାରଣା, ମୁକେଶ ମେହେର, ଶିବା ବାଘ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ରକ୍ତଦାନ ଶିବିରରେ ମୋଟ ୪୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲ। ବୀରମହାରାଜପୁର ଓ ସୋନପୁର ରକ୍ତ ଭଣ୍ଡାର କର୍ମଚାରୀ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ।

# ଗୋକୁଳାଷ୍ଟମୀ ମହୋତ୍ସବ, ଧେନୁକାସୁର ବଧ

ବିଂକା ୨୫। ୧୧ ( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିଂକା କଂସାରୀପଡା ବାସୀଙ୍କ ତରଫରୁ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଗୋକୁଳାଷ୍ଟମୀ ମହୋତ୍ସବରେ ସୋମବାର ଧେନୁକା ସୁର ବଧ ନାଟକ ହୋଇଥିଲା। ସନ୍ଧ୍ୟା ଭ୍ରମଣ ପରେ ମହାରାଜ କଂସ ପାତ୍ର ମନ୍ତ୍ରୀଙ୍କ ସହ ସହର ପରିକ୍ରମା କରି ଯୋଗେଶ୍ୱର ମନ୍ଦିର ନିକଟସ୍ଥ ବନଦୁର୍ଗା ମଣ୍ଡପ ପଡିଆ ରାଜ ଦରବାରରେ ପହଞ୍ଚିଥିଲେ। ରାଜ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଅଂଜିଲାନା ପଧାନ, ପ୍ରବନ୍ଧକ ସଂସ୍କୃତି ନିର୍ଦ୍ଦେଶକ ପୁରୁଷୋତ୍ତମ ମିଶ୍ର, ତହସିଲଦାର ସୀତାରାମ ଭୋଇ, ଜିଲା ସାଂସ୍କୃତିକ ଅଧିକାରୀ ଯମୁନା ପଧାନ, ଏସଡିଓ (ଇଲେକଟ୍ରିକାଲ ) ଉଦୟ ଶଙ୍କର ପାଟଯୋଶୀ, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଯୋଗଦେଇଥିଲେ । କମିଟି ସଭାପତି ସୀତାରାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ହିମାଂଶୁ ଭୂଷଣ ପଣ୍ଡା, ସସ୍ମିତା ପରାମଗୁରୁ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ରାଜ ଦରବାରରେ ସଂସ୍କୃତକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଦଶବତାର ନୃତ୍ୟ କଳା ସଂସଦ ଭୁବନେଶ୍ୱରଙ୍କ ନୃତ୍ୟ ଓ ଗୀତ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ଥିଲା।

# ମାହେଶ୍ୱରୀ କ୍ରିକେଟ: ଜନକପୁର ଚାମ୍ପିୟନ

ଅମରପାଲି, ୨୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବଡ଼ବର୍ଡାକଟା ଗ୍ରାମରେ ଚାଲିଥିବା ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଖଣ୍ଡହତା ଓ ଜନକପୁର ମଧ୍ୟରେ ହୋଇଥିଲା। ତିନୋଟି ଫର୍ମାଟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଟି-୮-୮ ଓଭର ବିଶିଷ୍ଟ ପ୍ରଥମ ଫର୍ମାଟରେ ଜନକପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୧୩ ରନ କରିଥିଲା। ଜବାବରେ ଖଣ୍ଡହତା ଦଳ ଆବଶ୍ୟକ ୧୧୪ ରନକୁ ୮ ଓଭରରେ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ଖଣ୍ଡହତା ଦଳ ନିର୍ଦ୍ଧାରିତ ୫ ଓଭରରେ ୪୫ ରନ କରିଥିବା ବେଳେ ଜନକପୁର ଦଳ ୫ ଓଭରରେ ଆବଶ୍ୟକ ୪୬ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ନିର୍ଣ୍ଣାୟକ ସୁପର ଓଭର ଖେଳା ଯାଇଥିଲା। ଏଥିରେ ଜନକପୁର ଦଳ ୧୭ ରନ କରିଥିବା ବେଳେ ଖଣ୍ଡହତା ଦଳ ୧୪ ରନ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, କ୍ରୀଡ଼ାବିତ ଦେବବ୍ରତ ପୁରୋହିତ, ପ୍ରହଲ୍ଲାଦ ଝାଙ୍କର, ଚମ୍ପାମଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଜନକପୁର ଦଳକୁ ୫ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର ଅପ ଖଣ୍ଡହତା ଦଳକୁ ନଗଦ ୩ ହଜାର ଟଙ୍କା ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥିମାନଙ୍କୁ ପୁରସ୍କୃତ କରୁଛନ୍ତି।

# ମଧ୍ୟପ୍ରଦେଶରେ ଦୁଇ ଦାଦନ ଶ୍ରମିକ ନିର୍ଯାତନାର ଶିକାର

## ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି ପରିବାର

ବୌଦ୍ଧ,୨୫।୧୧ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରୁ ବହୁ ଯୁବକ ବାହାର ରାଜ୍ୟକୁ କାମ କରିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି । କେତେବେଳେ କେଉଁ ଶ୍ରମିକ ଭିନ୍ନକ୍ଷମ ହୋଇ ଫେରୁଛି ତ କେତେବେଳେ ଶବ ହୋଇ ଫେରିବା ଭଳି ଘଟଣା ଘଟୁଛି । ବୌଦ୍ଧ ଜିଲାର ୨ ଜଣ ଶ୍ରମିକ ଏବେ ମଧ୍ୟପ୍ରଦେଶରେ ନିର୍ଯାତନାର ଶିକାର ହେଉଥିବା ବେଳେ ସେମାନଙ୍କ ପରିବାର ଲୋକେ ଫେରିବା ବାଟକୁ ଚାହିଁ ରହିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ମାସ ୨୨ ତାରିଖରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭାଲିଆଗୋରା ଗ୍ରାମର ପବିତ୍ର ପ୍ରଧାନ (୫୫), ଶ୍ରୀତମ ମଲ୍ଲିକ(୨୩), ଭଗବାନ ବାଘ(୨୭), ସାର୍ତାଗାଡୁ ଗ୍ରାମର ସୁଶାନ୍ତ ବିନ୍ଧାଣି(୨୫), ଠାକୁରମୁଣ୍ଡା ଗ୍ରାମର ସୋନା ବିନ୍ଧାଣି(୨୫)ଙ୍କୁ ଭଲ ପାରିଶ୍ରମିକର ପ୍ରଲୋଭନ ଦେଖାଇ ଭଦ୍ରକର ଜଣେ ଦଲାଲ ଗୁଜୁରାଟ ରାଜ୍ୟର ଏକ ପ୍ଲାଇଉଡ କମ୍ପାନୀରେ କାମ କରିବାକୁ ନେଇ ଯାଇଥିଲେ । ସେଠାରେ ଶ୍ରମିକମାନେ ଏକ ମାସ କାର୍ଯ୍ୟ କରିବା ପରେ ନିଜର ପାଉଣା ମାଗିଥିଲେ। କିନ୍ତୁ ସେମାନଙ୍କୁ ପାରିଶ୍ରମିକ ବଦଳରେ ଶାରିରୀକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଶ୍ରମିକମାନଙ୍କ ଠାରୁ ମୋବାଇଲ ନେଇଯିବା ସହିତ ଦିନ ରାତି ପରିଶ୍ରମ କରିବାକୁ ବାଧ କରାଯାଇଥିଲା। ଫଳରେ ନିର୍ଯାତନା ସହି ନ ପାରି ଭଗବାନ ବାଘ ଓ ସୋନା ବିନ୍ଧାଣି କୌଣସି ମତେ ସେଠାରୁ ଫେରାର ହେବାରେ ସଫଳ ହୋଇଥିଲେ। ଭୋକ ଉପାସରେ ରହି ବହୁ କଷ୍ଟରେ ଉଭୟ ନିଜ ଗ୍ରାମରେ ପହଞ୍ଚି ଭୋଗିଥିବା ନିର୍ଯାତନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। କମ୍ପାନୀରୁ ଦୁଇଜଣ ଶ୍ରମିକ ଫେରାର ମାରିବା ଜାଣି ପାରି କମ୍ପାନୀ କର୍ତ୍ତୃପକ୍ଷ ଅନ୍ୟ ତିନିଜଣ ଶ୍ରମିକଙ୍କୁ ରାତି ଅଧିଆ ଏକ ଟ୍ରକରେ ମଧ୍ୟପ୍ରଦେଶର ଏକ ପ୍ଲାଇଉଡ କମ୍ପାନୀକୁ ପଠାଇ ଦେଇଥିଲେ । ସେଠାରେ ମଧ ତିନିଜଣଙ୍କୁ ଶାରିରୀକ ନିର୍ଯାତନା ଦିଆଯାଇ କାମ କରିବାକୁ ବାଧ କରାଯାଇଥିଲା । ସେଠାରୁ ଆଉ ଜଣେ ଶ୍ରମିକ ସୁଶାନ୍ତ ବିନ୍ଧାଣି ଖସିବାରେ ସଫଳ ହୋଇ ଗ୍ରାମରେ ପହଞ୍ଚିବା ପରେ ନିଜର ଅନ୍ୟ ସାଥୀଙ୍କ ଦୁଃଖ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏବେ ବି ପବିତ୍ର ପ୍ରଧାନ ଓ ଶ୍ରୀତମ ମଲ୍ଲିକ ସେଠାରେ ନିର୍ଯ୍ୟାତନାର ଶିକାର ହେଉଥିବା ନେଇ ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇଥିବା ସୂଚନା ମିଳିଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର ନ କଲେ ଜୀବନ ପ୍ରତି ବିପଦ ଥିବା ଦୁଇ ଶ୍ରମିକ ଜଣାଇବା ପରେ ପରିବାର ଲୋକେ ମ୍ରିୟମାଣ ହୋଇ ପଡିଛନ୍ତି । ଉଭୟ ଦାଦନ ଶ୍ରମିକଙ୍କ ପରିବାର ପକ୍ଷରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ବୌଦ୍ଧ ବିଧାୟକ,ଜିଲାପାଳ ତଥା ଜିଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବରେ ନିବେଦନ କରାଯାଇଛି। ଏ ସଂପର୍କରେ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ଘଟଣା ନେଇ ଜିଲାପାଳ ଓ ଶ୍ରମ କମିଶନରଙ୍କୁ ଅବଗତ କରାଯାଇଛି। ମଧ୍ୟପ୍ରଦେଶର ଶ୍ରମ ବିଭାଗ ସହିତ ମଧ ଯୋଗାଯୋଗ କରାଯାଇଛି। ସେଠାରୁ ସୂଚନା ମିଳିବା ପରେ ବୌଦ୍ଧରୁ ଏକ ଟିମ୍ ପୋଲିସ ସହାୟତାରେ ଯାଇ ଉଭୟ ଶ୍ରମିକଙ୍କୁ ଉଦ୍ଧାର କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ସେମାନଙ୍କ ପୁଅଙ୍କୁ ଫେରାଇ ଆଣିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି ।



ପୁଅର ଅପେକ୍ଷାରେ ଜଣେ ଶ୍ରମିକଙ୍କ ପରିବାର ଲୋକେ।

## ସଂକ୍ଷେପରେ

### ୬ କୁଇଣ୍ଟାଲ ଗଞ୍ଜେଇ ଜବତ

**ସୁନ୍ଦରଗଡ଼,୨୫।୧୧(ଜୟ ନାରାୟଣ ମେଣ୍ଡୁଲି):** ଓଡ଼ିଶାରୁ ରାଜସ୍ଥାନକୁ ଚୋରା ଚାଲାଣ ହେଉଥିବା ୬କୁଇଣ୍ଟାଲ ଗଞ୍ଜେଇ ସୁନ୍ଦରଗଡ଼ ଟାଉନଥାନା ପୋଲିସ ସୋମବାର ଅପରାହ୍ନରେ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୦ରୁ ୭୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ବୋଲେରୋ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଟାଉନଥାନା ପୋଲିସ ସ୍ୱତନ୍ତ୍ର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଲୁହୁରାଡିପା ନୂଆବସଷ୍ଟାଣ୍ଡ ଓଭରବ୍ରିଜ ନିକଟରୁ ବୋଲେରୋକୁ ଜବତ କରିଥିଲା। ଗାଡ଼ିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ଗଞ୍ଜାମ, ଅନୁଗୋଳ ଜିଲାରୁ ରାଜସ୍ଥାନକୁ ଗଞ୍ଜେଇ ଚୋରାଚାଲାଣ ହେଉଥିଲା ବୋଲି ପୋଲିସ ପ୍ରକାଶ କରିଛି।

### ଘରୁ ତାଲା ଭାଙ୍ଗି ଚୋରି ଅଭିଯୋଗ

**ଲହୁଣୀପଡ଼ା,୨୫।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଯୋଗିବନ୍ଧ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଆଲମିରା ଭାଙ୍ଗି ସୁନା,ରୁପା ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୋଗିବନ୍ଧ ଗ୍ରାମର ହେମନ୍ତ ମାହାନ୍ତଙ୍କ ପରିବାର ଲୋକ ଘରେ ତାଲା ପକାଇ ଜମିରେ ଧାନ କାଟିବା ପାଇଁ ଯାଇଥିଲେ। ପରିବାର ଲୋକ ମଧ୍ୟାହ୍ନ ପ୍ରାୟ ୨ ଟା ସମୟରେ ଘରକୁ ଫେରି ଦେଖିଲେ ଯେ ଗେଟର ତାଲା ଭଙ୍ଗା ଯିବା ସହ ଘରର ଭିତର କବାଟ ତାଲା ଭାଙ୍ଗି ଆଲମିରାରୁ ୩ଟି ସୁନା ପଦକ, ୨ ହଳ ରୁପା ପାଉଁଜି ଚୋରି ହୋଇଛି। ଏନେଇ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଥିବା ଜଣାପଡିଛି।

### ଗୋବିନ୍ଦପୁର ଧାନକ୍ରୟ କେନ୍ଦ୍ର ଶୁଭାରମ୍ଭ

**ବରଗଡ଼, ୨୫।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଗୋବିନ୍ଦପୁରରେ ଧାନକ୍ରୟ କେନ୍ଦ୍ର ଆରମ୍ଭ ହୋଇଛି। ଗୋବିନ୍ଦପୁର ପ୍ୟାକ୍ସ ସମ୍ପାଦକ ଅଶୋକ ଥପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନ କ୍ରୟକେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବନୀକାନ୍ତ ପଣ୍ଡା, ନୋଡାଲ ଅଫିସର ଡୋଲାମଣି ପ୍ରଧାନ, ଡାଇରେକ୍ଟର ସରୋଜ ଭୋଇ, ତରୁଣ ନାଏକ, ଅଶୋକ ସାହୁ, ଅନନ୍ତ ମହାପାତ୍ର, ଛତ୍ରପତି ଭୋଇ, ରଘୁନାଥ ମହାପାତ୍ର, ଆନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କ୍ରୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ମାନକ ଲିଖନ ପ୍ରତିଯୋଗିତାରେ ୬୦ ପ୍ରତିଯୋଗୀ

**ପାଇକମାଲ, ୨୫।୧୧(ବଢ଼ ଶତପଥୀ):** ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ମାନକ ଲିଖନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଯାଇଛି। ପାନୀୟ ଜଳ ପ୍ୟାକେଜ ବିଷୟ ପ୍ରତିଯୋଗିତାରେ ୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖାର ମାଷ୍ଟର ଟ୍ରେନର ରଞ୍ଜନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ।

# ନିଶାଦ୍ରବ୍ୟ ବିକ୍ରି ବନ୍ଦ ନିଷ୍ପତ୍ତି ନେଲେ ପଟୁଆବେଡ଼ାବାସୀ

**ବଡ଼ଗାଁ,୨୫।୧୧(ଅଶୋକ ଷଡ଼ଙ୍ଗୀ)**



ମହିଳାମାନେ ଥାନା ଏଏସଆଇଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କେତେକ ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଓ ମଦ ବିକ୍ରି ବନ୍ଦ ସପକ୍ଷରେ ଥିବା ଗ୍ରାମବାସୀମାନେ ସଙ୍ଗଠିତ ହୋଇ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଚେଷ୍ଟା କରି ଆସୁଥିବାବେଳେ ବରଙ୍ଗାକଛାର ପଞ୍ଚାୟତ ପଟୁଆବେଡା ଗ୍ରାମବାସୀ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରିବାକୁ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ଗତ ୫ ତାରିଖରେ ୱାର୍ଡ ମେମ୍ବର ସୁବର୍ଣ୍ଣ ମହାନନ୍ଦିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉକ୍ତ ବୈଠକରେ ଏସ୍ଏଚ୍‌ଜି ମହିଳା ଓ ଗ୍ରାମବାସୀ ଯୋଗଦେଇ ମଦ ବିକ୍ରି ଯୋଗୁ ଦେଖା ଦେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ସମସ୍ତ ମହିଳା ଓ ଗ୍ରାମବାସୀ ଗାଁରେ ନିଶାଦ୍ରବ୍ୟ ବିକ୍ରି ଯୋଗୁ ଆପରାଧିକ କାର୍ଯ୍ୟକଳାପ ବଢୁଥିବା କହିଥିଲେ। ସର୍ବ ସମ୍ମତି କ୍ରମେ ଗାଁରେ ନିଶାଦ୍ରବ୍ୟ ବିକ୍ରି ବନ୍ଦ ନିଷ୍ପତ୍ତି ନେଇଥିଲେ। ଏହାପରେ ନିଶାଦ୍ରବ୍ୟ ବିକ୍ରି ବନ୍ଦ ଅଭିଯାନକୁ ଗ୍ରାମବାସୀଙ୍କ ସହଯୋଗରେ ବଳବତ୍ତର ରଖିବା ପାଇଁ ନାରୀ ଚେତନା ସଂଘ ଗଠନ କରାଯାଇଥିଲା। ଏଥିରେ ସଂଘ କର୍ମକର୍ତ୍ତା ଭାବେ ସଂଯୁକ୍ତା ନାଏକ, ବାହାମନୀ ହାଁସଦା, ପୂର୍ଣ୍ଣିମା ପ୍ରଧାନ, ଉଲ୍ଲାସ ପ୍ରଧାନ, ପ୍ରମିଳା ବରିହା, ପୁଷ୍ପାଞ୍ଜଳି ନାଏକ, ଗୀତାଞ୍ଜଳି ବାଘ, ସୁରେଖା ପ୍ରଧାନ, ସୁବନ୍ତି ମହାନନ୍ଦିଆଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ କ୍ଷେତ୍ର ମୋହନ ପ୍ରଧାନ, ଭୁବନେଶ୍ୱର ପୃଷେଟ, ଦଶରଥ ବେହେରା, ଲଖନ ନାଏକ, ମନୋଜ ପ୍ରଧାନ, କରୁଣାକର ନାଏକ, ବସନ୍ତ ବେହେରା, କନ୍ଦର୍ପ ସା, ବେଣୁଧର ବାଘ, ଚନ୍ଦ୍ରଶେଖର ସାହୁଙ୍କୁ ମନୋନୀତ କରାଯାଇଥିଲା। ଏହି କମିଟି କର୍ମକର୍ତ୍ତାଙ୍କ ସହିତ ଗ୍ରାମବାସୀମାନେ ସଚେତନତା ସୃଷ୍ଟି କରିବା ପାଇଁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଦ ବିକ୍ରେତାଙ୍କୁ ବିକ୍ରି ବନ୍ଦ କରିବାକୁ କହିଥିଲେ। ମଦ ବିକ୍ରେତାମାନେ ୧୦ଦିନ ମଧ୍ୟରେ ବିକ୍ରି ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୧୫ ତାରିଖରେ ପୁଣି ଏକ ବୈଠକ କରି ଆଗାମୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ତେବେ ଗ୍ରାମର ଜଣେ ମଦ ବିକ୍ରେତା ବିଲ ନିକଟରେ ମଙ୍ଗଳବାର ମଦ ରନ୍ଧୁଥିବ ସୂଚନା ପାଇ ମହିଳାମାନେ ଚଢ଼ାଉ କରିଥିଲେ। ସେଠାରେ ରଖାଯାଇଥିବା ୭୦ କେଜି ପୋଚ ଓ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରି ନଷ୍ଟ କରିଦେଇଥିଲେ। ସୋମବାର ପୂର୍ବାହ୍ନରେ ମହିଳାମାନେ ଥାନାକୁ ଆସି ବିକ୍ରେତାମାନେ ମଦ ବିକ୍ରି ବନ୍ଦ କରୁ ନ ଥିବା ଓ ତାଙ୍କ ଜୀବନ ପ୍ରତି ବିପଦ ଥିବା କହିଛନ୍ତି। ଥାନାରେ ଜଣାଇଲା ପରେ ଅବକାରୀ ଅଫିସକୁ ଯାଇ ଅଭିଯୋଗ ଜଣାଇଛନ୍ତି। ଏ ସମ୍ପର୍କରେ ସେମାନେ ପୋଲିସରେ ଲିଖିତ ଭାବେ ଜଣାଇଛନ୍ତି।

# ଇଏମ୍‌ଆର୍‌ଏସ୍ ନ୍ୟାଶନାଲ ସ୍ପୋର୍ଟସ ମିଟ୍ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କୁଆଁରମୁଣ୍ଡା,୨୫।୧୧(ମହେନ୍ଦ୍ର କୁମାର ସାହୁ)**

୨ଦିନ ଧରି ଅର୍ଥାତ୍ ଶୁକ୍ରବାର, ଶନିବାର କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପଡ଼ିଆରେ ୪ର୍ଥ ଇଏମ୍‌ଆର୍‌ଏସ୍ ନ୍ୟାଶନାଲ ସ୍ପୋର୍ଟସ ମିଟ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟରେ ଥିବା ୩୨ଟି ଇଏମ୍‌ଆର୍‌ଏସ୍ ମଧ୍ୟରୁ ୨୨ଟି ଅଂଶ ଗ୍ରହଣ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା କେବଳ ଖୋଖୋକୁ ନେଇ କରାଯାଇଥିଲା। ୨୨ଟି ବିଦ୍ୟାଳୟରୁ ଉଭୟ ବାଳିକା ଓ ବାଳକ ଟିମ୍ ଅଂଶ ଗ୍ରହଣ କରିଥିଲେ। ବାଳିକା ବିଭାଗରେ ଲହୁଣୀପଡ଼ା ପ୍ରଥମ ହୋଇଥିବା ବେଳେ ଲାଇଙ୍ଗ ଓ କନ୍ଧମାଳ ଜିଲାର ମହିସିଂହ ଟିମ୍ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ସେହିପରି ବାଳକ ବିଭାଗରେ ଲାଇଙ୍ଗ ପ୍ରଥମ ହୋଇଥିବା ବେଳେ ଲହୁଣୀପଡ଼ା ଓ କୋରାପୁଟର ପୁଙ୍ଗାର ଟିମ୍ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ପଟ୍ଟନାୟକ, ଏଡିଡବ୍ଲ୍ୟୁଓ ଭରତ ଗୁରୁ, କୁଆଁରମୁଣ୍ଡା ଡବ୍ଲ୍ୟୁଇଓ ମନୋଜ କୁମାର ଶତପଥୀ, ସରପଞ୍ଚ ରାଜେଶ ହାଁସଦା, କୁମଝରିଆ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମଞ୍ଜରୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ପରିଷଦ ସଭାନେତ୍ରୀ ସୁଶ୍ରୀ କୁନ୍ତୀ ପ୍ରଧାନ ଓ ମୁଖ୍ୟବକ୍ତାଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଯୋଗଦେଇ ବିଜୟୀ ଘୋଷିତ ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର, କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶିବ ନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୁଆଁରମୁଣ୍ଡା ଇଏମ୍‌ଆର୍‌ଏସ୍ ପରିସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଇଏମ୍‌ଆର୍‌ଏସ୍‌ର ଅଧକ୍ଷ କୁଶଧର କୁଅଁର ସଭାପତିତ୍ୱ କରିଥିବା ବେଳେ ଡବ୍ଲ୍ୟୁଇଓ ମନୋଜ ଶତପଥୀ ଓ ଶିକ୍ଷୟିତ୍ରୀ ସାଇନି ନିୟୁପି ମଞ୍ଚ ପରିଚାଳନା କରିଥିଲେ। ୨ ଦିନିଆ ଏହି କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଅନିଲ ସାହୁ, ମହେନ୍ଦ୍ର ଲାକ୍ରା, ବିପ୍ର ଚରଣ ମହାପାତ୍ର, ନମିତା ଏକ୍କା ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ଜଙ୍ଘା ମନ୍ଦିର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବଡ଼ଗାଁ,୨୫।୧୧(ଅଶୋକ ଷଡ଼ଙ୍ଗୀ)**

ଗୌଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡ଼ଦେଓଙ୍କ ଭୋଇପାଲିସ୍ଥିତ ପ୍ରସିଦ୍ଧ ଜଙ୍ଘା ଧାମ ମନ୍ଦିରରେ ଚଳିତବର୍ଷ ସାମ୍ବ ଦଶମୀରେ ହେବାକୁଥିବା ବାର୍ଷିକ ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଜଙ୍ଘା ବଦଦେଓଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ନିତ୍ୟାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଉତ୍ସବକୁ ସୁରୁଖୁରୁରେ ସମ୍ପାଦିତ କରିବା, ଭକ୍ତଙ୍କ ଆଗମନ ଓ ସମ୍ମିଳନୀ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଓ ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଭା ଆରମ୍ଭରେ ସମ୍ପାଦକ କର୍ଣ୍ଣ ନାଏକ ଗତ ବର୍ଷର ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ସମାଜର ବରିଷ୍ଠ ସଭ୍ୟ ଓ ପୂର୍ବ ଜିଲା ସଭାପତି ଗୋବିନ୍ଦ ଭୋଇ, ସେବା ନିବୃତ୍ତ ମୁଖ୍ୟ ଯନ୍ତ୍ରୀ ଜୟପାଳ ନାଏକ, ଡୁଡାଲଗା ସର୍କଲ ସଭାପତି ଘନଶ୍ୟାମ ଭୋଇ, ସଦର ଗୁଡ଼ି ସଭାପତି ଦୁର୍ଯ୍ୟୋଧନ ଦେହେରି, ବାଲିଶଙ୍କରା ସଭାପତି ଧନେଶ୍ୱର ମାଝୀ, ମନ୍ଦିର ମୁଖ୍ୟ ପୂଜକ ମିତ୍ରେଶ୍ୱର ନାଏକ, କୈଳାଶ କୁମରା, ମଙ୍ଗଳୁ ଧୁରୁଆ, ପ୍ରଦୀପ ଜଗତ ଆଲୋଚନାରେ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଓ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ସଭାପତି ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଦେଇଥିଲେ।

# ୫ ଅଭିଯୋଗର ତତ୍କ୍ଷଣାତ ସମାଧାନ

**ସୁନ୍ଦରଗଡ଼,୨୫।୧୧(ଜୟ ନାରାୟଣ ମେଣ୍ଡୁଲି)**

ବାଲିଶଙ୍କରା ବ୍ଲକ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୩୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୧ ବ୍ୟକ୍ତିଗତ ଏବଂ ୮୧ଟି ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ଟି ଆବେଦନ ରହିଥିଲା। ୫ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା, ବାଲିଶଙ୍କରା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ଜିଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଦ୍ମପୁର ପ୍ରିମିୟର ଲିଗ୍: ଶେଖ୍ ଫାଇଟର୍ସ ବିଜୟୀ



ମୁଖ୍ୟ ଅତିଥି ବିଜେତା ଶେଖ୍ ଫାଇଟର୍ସ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ପଦ୍ମପୁର,୨୫।୧୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ତିନିଦିନ ଧରି ଚାଲିଥିବା ପ୍ରଥମ ପଦ୍ମପୁର ପ୍ରିମିୟର ଲିଗ୍-୨୦୨୪ ସୋମବାର ଉଦ୍‌ଯାପିତ ହୋଇଛି। ପଦ୍ମପୁର ଟାଉନ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଶେଖ୍ ଫାଇଟର୍ସ ଏବଂ ସମଲେଶ୍ୱରୀ ଲାୟନ୍ସ ଦଳ ଭିତରେ ଫାଇନାଲ ମ୍ୟାଚ୍ ହୋଇଥିବା ବେଳେ ଶେଖ୍ ଫାଇଟର୍ସ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ ଏବଂ ଟାଉନ କ୍ଲବ ସଭାପତି ପ୍ରିତେଶ କୁମାର ବହିଦାର ଅତିଥି ଭାବେ ଯୋଗ ଦେଇ କୃତୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ଅଶୋକ ମିଶ୍ର, ସମ୍ପାଦକ କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ଆଦିତ୍ୟ ରଥ, ନାରାୟଣ ପୁରୋହିତ, ସୁବାସ ପାତ୍ର, ରାଜେଶ ଗୁର୍ଲା, ନରୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଖିଳ ପଟ୍ଟନାୟକ, ଦୀନେଶ ବାରିକ, ସୁରଜ ସୁନା, ସୋମେଶ ମହାନ୍ତି, ସୁରେଶ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଅନିଲ ଗୁର୍ଲା, ଶୁଭମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ପାଇଁ ସଚେତନତା



ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ନେଇ ସଚେତନତା ସୃଷ୍ଟି କରାଯାଉଛି।

**ବରଗଡ଼, ୨୫।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆମ୍ବାଭୋନା ବ୍ଲକ ଅନ୍ତର୍ଗତ ବୁଗବୁଗି ଗ୍ରାମରେ ସୋମବାର ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂକୀର୍ତ୍ତନ ନାମରେ ଅଶାଳୀନ ନୃତ୍ୟ ଏବଂ ଦ୍ୱିଅର୍ଥବୋଧକ ଗୀତ ପରିବେଷଣକୁ ବିରୋଧ କରି ଜନସଚେତନତା ସୃଷ୍ଟି କରାଯାଇଥିଲା। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ସଂଯୋଜକ ଶିବ ନାରାୟଣ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବିଶ୍ୱଜିତ ଦାଶ, ସଂକୀର୍ତ୍ତନ ଗାୟକ ପରମେଶ୍ୱର ଭୋଇ, ମୌଜିଲାଲ ସାହୁ, ନୋହର ପ୍ରଧାନ, ରାମଚନ୍ଦ୍ର ସାହୁ, ଭରତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାପକ ଜନସଚେତନତାରେ ହିଁ ଅଶ୍ଳୀଳ ସଂକୀର୍ତ୍ତନ ପରିବେଷଣ ବନ୍ଦ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ସମ୍ପ୍ରତି ବିଭିନ୍ନ ନାମଯଜ୍ଞ ମଣ୍ଡଳୀରେ ସଂକୀର୍ତ୍ତନ ଦଳମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଶୃଙ୍ଖଳିତ ନୃତ୍ୟ ଓ ବିକୃତ ସଙ୍ଗୀତ ସମାଜ ଉପରେ କୁପ୍ରଭାବ ପକାଉଛି ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ସେଭଳି ସଂକୀର୍ତ୍ତନ ପରିବେଷଣକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲାର ବିଭିନ୍ନ ବ୍ଲକରେ ଏଭଳି ସଚେତନଧର୍ମୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଥିବା ବେଳେ ଅମ୍ବାଭୋନା ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଶତାଧିକ ସଂକୀର୍ତ୍ତନ କଳାକାର ଅଶ୍ଳୀଳ ସଂକୀର୍ତ୍ତନକୁ ବିରୋଧ କରିଥିଲେ। ଏଥିସହ ଭାବଭକ୍ତିର ସଂକୀର୍ତ୍ତନରେ ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ପାଇଁ ସଂକଳ୍ପ ନେଇଥିଲେ। ଆଗାମୀ ଦିନରେ ଅଶ୍ଳୀଳ ସଂକୀର୍ତ୍ତନ ଏବଂ ଦ୍ୱିଅର୍ଥବୋଧକ ସଙ୍ଗୀତ ପରିବେଷଣକୁ ବିରୋଧ କରି ଜିଲାସ୍ତରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଦାଶ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧନେଶ୍ୱର ଦୁଆନ, ଯାଦବ ପ୍ରଧାନ, ଭଗବାନ ବାଗ, ଛବିଳ ବାରିକ, ବୁଦ୍ଧଦେବ ମଲ୍ଲିକ, ଟିକା ରାମବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ଲକ ସ୍ତରୀୟ ବିଜ୍ଞାନ ମେଳା

**ସବ୍‌ଡେଗା,୨୫।୧୧ (ଅନନ୍ତ ପଟେଲ )**




ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସବ୍‌ଡେଗା ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୨୦୦ସହ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ବିଜ୍ଞାନ ମେଳା ପ୍ରଦର୍ଶନ କରିଥିଲେ। ସବଡେଗା ବ୍ଲକ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ହମୀରପୁର ସରପଞ୍ଚ ଦୀପାଞ୍ଜଳି ଭୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ବରିଷ୍ଠ ବିଭାଗ ସୃଜନଶୀଳ ଲିଖନରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛତାସର୍ଗୀର ଛାତ୍ରୀ ପୂର୍ଣ୍ଣିମା ପ୍ରଧାନଙ୍କୁ ଜିଲା ଶିକ୍ଷା ଅଧିକାରୀ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱଦୀପ କୁମାର ଟପ୍ପୋ, ବିତ୍ତୀୟ ପରାମର୍ଶଦାତା ରାଜେନ୍ଦ୍ର ପାତ୍ର, ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସା, ଜିପିଇଓ ଅରବିନ୍ଦ ପାଣ୍ଡେ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରୋହିତ କୁମାର କିରୋ, ଏବିଇଓ ମୁକ୍ତେଶରୀ ପଟେଲ, ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଚୌଧୁରୀ, ଅନନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ସୁଧାଂଶୁ ଶେଖର ଚୌଧୁରୀ, ଧର୍ମପଦ ନାଏକ, ହରିହର ସାହୁ, ଅନନ୍ତ କୁମାର ପାଣ୍ଡେ, ପ୍ରଭାତୀ ସିଂହ, ତ୍ରିଲୋଚନ ସାହୁ, ଲଳିତ ନାଏକ, ତ୍ରିନାଥ ନାଏକ, ପ୍ରଶାନ୍ତ ନାଏକ, ସୁରଜ ପ୍ରକାଶ ଚୌଧୁରୀ ପ୍ରମୁଖ ବିଚାରକଭାବେ ଯୋଗଦେଇଥିଲେ। ସ୍ଥାନୀୟ ପ୍ରଧାନ ଶିକ୍ଷକ ଶଶୀ ବାଦୀଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ସିଆରସିସିଙ୍କ ସହଯୋଗରେ ବିଜ୍ଞାନ ମେଳା ସମ୍ପନ୍ନ ହୋଇଥିଲା । ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଏବିଇଓ ମୁକ୍ତେଶରୀ ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଡେପୁଟି ସିଇଓଙ୍କ ବରଗଡ଼ ଗସ୍ତ

**ବରଗଡ, ୨୫।୧୧ (ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବୁଥ୍ ସ୍ତରରେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ-୨୦୨୫ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ମତଦାତାଙ୍କ ନାମ ଯାଞ୍ଚ, ପଞ୍ଜୀକରଣ, ଅପସାରଣ, ସଂଶୋଧନ କିମ୍ବା ସ୍ଥାନାନ୍ତରୀକରଣ କରିବା ପାଇଁ ସମସ୍ତ ବୁଥ୍‌ରେ ନଭେମ୍ବର ୨, ୯, ୧୬ ଏବଂ ୨୪ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପାଳନ କରିବା ସହ ବୁଥ୍‌ସ୍ତରୀୟ ଅଧିକାରୀ

**ବୁଥ୍‌ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା**

ନିଜ ବୁଥ୍‌ରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟ ତଦାରଖ କରିବା ପାଇଁ ଡେପୁଟି ସିଇଓ ଡଃ ଲକ୍ଷ୍ମଣ ପ୍ରସାଦ ସାହୁ ରବିବାର ବରଗଡ ଜିଲା ଗସ୍ତରେ ଆସି ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ସେ ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରପାଲି ଏନ୍‌ଏସିର ମହଦା ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୧୦, ୧୧ ଓ ୧୨ ଏବଂ ବରଗଡ଼ ନିର୍ବାଚନ ମଣ୍ଡଳୀର କୁସନପୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୧୧୩, ୧୧୪, ଶକ୍ତି ନଗର ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୬୭, ୬୮, ୬୯, ମାଷ୍ଟରକ୍ରିଆ ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୫୬, ୫୭, ୫୮ ଏବଂ ଗୋବିନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୫୧, ୫୨, ୫୩କୁ ଯାଇ ଭୋଟର ପଞ୍ଜୀକରଣ ସହ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାସହିତ ସେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଡେପୁଟି ସିଇଓଙ୍କ ସହ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ, ଏଆର୍‌ଏମ୍‌ଏସ୍ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ରଖିବା ମନ୍ତବ୍ୟ

**ସୁନ୍ଦରଗଡ,୨୫।୧୧(ଜୟ ନାରାୟଣ ମେଣ୍ଡୁଲି)**

**ଅଖଣ୍ଡ ଭୂୟାଁ ସମାଜର ବିରୋଧ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସୁନ୍ଦରଗଡ଼ ଗସ୍ତ ଅବସରରେ ପ୍ରସ୍ତାବିତ ଉତ୍ତର ଓଡ଼ିଶାରେ ସୁନ୍ଦରଗଡକୁ ସାମିଲ ପାଇଁ ଦେଇଥିବା ବୟାନକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ତୀବ୍ର ନିନ୍ଦା କରିବା ସହ ବିରୋଧ କରିଛି। ପଶ୍ଚିମ ଓଡ଼ିଶାର ଏକତାକୁ ମୋହନ ସରକାର ଭାଙ୍ଗିବାର ଷଡଯନ୍ତ୍ର କରୁଛନ୍ତି ବୋଲି ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ ଅଭିଯୋଗ କରିଛନ୍ତି। ସେ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ଯେ, ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତି, ଗୀତ, ବାଦ୍ୟ, ଚାଲି ଚଳଣ, ଭୌଗଳିକ ଅବସ୍ଥିତି ଓଡିଶାର ଅନ୍ୟ ଅଞ୍ଚଳରୁ ସମ୍ପୂର୍ଣ୍ଣ ଅଲଗା। ସୁନ୍ଦରଗଡ ଜିଲା ପଶ୍ଚିମ ଓଡ଼ିଶାର ଅବିଚ୍ଛେଦ ଅଙ୍ଗ, ଗଡଜାତ ମିଶ୍ରଣ ପୂର୍ବରୁ ସୁନ୍ଦରଗଡ଼ ପଶ୍ଚିମ ଓଡ଼ିଶାର ଅବିଚ୍ଛେଦ ଅଙ୍ଗ ରହି ଆସିଛି। ପଶ୍ଚିମ ଓଡ଼ିଶାର ବିକାଶ, ଆଞ୍ଚଳିକ ବୈଷମ୍ୟକୁ ଦୂର କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଗଠନ କରାଯାଇଥିଲା। ସୁନ୍ଦରଗଡ ଜିଲାର ସ୍ୱାଭିମାନ, ଭାଷା ସଂସ୍କୃତିର ରକ୍ଷା ପାଇଁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ସରକାରଙ୍କ ଏଭଳି ଯୋଜନାକୁ ସୁନ୍ଦରଗଡରେ ପ୍ରବଳ ବିରୋଧ ପ୍ରଦର୍ଶନ କରିବ ବୋଲି ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ବରିଷ୍ଠ ଉପ ସଭାପତି ରବି ରତ୍ନ ପଟେଲ,କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ, କେନ୍ଦ୍ରୀୟ ଉପ ସଭାପତି ଦେବେନ୍ଦ୍ର ଅମାତ, ଜିଲା ସଙ୍ଗଠକ ପ୍ରଶାନ୍ତ ଅମାତ ପ୍ରମୁଖ ଏକ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ଅଭିଯାନ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୫ା୧୧
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ମିଶନ ଶକ୍ତି ଗୃହଠାରେ ମହିଳା ଓ ବାଳିକାମାନଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ୧୬ଦିନିଆ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ୧୬ ଦିନ ବ୍ୟାପି ୨୫ରୁ ଡିସେମ୍ବର ୧୦ତାରିଖ ପର୍ଯ୍ୟନ୍ତ ଲିଙ୍ଗଗତ ହିଂସା ବିରୋଧରେ ଜିଲାରେ ବିଭିନ୍ନ ଅଂଶୀଦାରଙ୍କ ସହିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ । ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା ପ୍ରଦାନ ଅଧିକାରୀ, ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ, ଜିଲା ସଂଯୋଜକ, ବାଲ୍ୟ ବିବାହ ନିଷେଧ, ସେହଡା ଅନୁଷ୍ଠାନ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିଭାଗ ପରିଦର୍ଶିକା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ଅଦ୍ୱିକାର ବାଳକ ବାଳିକା, ଶକ୍ତି ସଦନ ଓ ସଖି କେନ୍ଦ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମାଜ ମଙ୍ଗଳ ବିଭାଗ ଓ ସେହଡା ଅନୁଷ୍ଠାନ ମିଳିତ ଭାବେ ଆୟୋଜନ କରିଥିଲେ।

### ତରେଇକେଲା ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ଝାରସୁଗୁଡ଼ା,୨୫ା୧୧
(ଆଶିଷ ରଞ୍ଜନ ଦାଶ)

ତରେଇକେଲା ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାତୃ କର୍ମଶାଳାରେ ମୋଟ ୧୪୫ଜଣ ଅଭିଭାବକଅଭିଭାବିକା ଉପସ୍ଥିତ ଥିଲେ। ବିକାଶ ସମିତି ଓଡିଶା ପଶ୍ଚିମ ସମ୍ଭାଗ ସଦସ୍ୟା ଗୋଲାପୀ ମୟୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କଲତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ବରିଷ୍ଠ ଆଚାର୍ଯ୍ୟା ସୁଭଦ୍ରା ପଧାନ। ସମ୍ପାଦିକା ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଶିଶୁ ବାଟିକା ପ୍ରମୁଖ ସୁଷମା ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଶିଶୁ ବାଟିକା ଗୁରୁମାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

## ଷଷ୍ଠ ଜିଲା ପରିଷଦ ବୈଠକ

ଦେବଗଡ଼,୨୫ା୧୧
(ଶଶାଙ୍କ ଶେଖର ଝାଙ୍କର)



ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲା ପରିଷଦ ଷଷ୍ଠ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ଜିଲାର ସାମଗ୍ରୀ ବିକାଶ ନିମନ୍ତେ ଜନ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଏହା ସହ ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ ଓ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ପର୍କ ଉପରେ ଆଲୋଚନା କରିଥିଲେ। ସେହିପରି ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଜୀବିକା ମିଶନ, ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜିଲା ମଙ୍ଗଳ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, କୃଷି, ଉଦ୍ୟାନ, ଜଳ ଛାୟା ପ୍ରକଳ୍ପ, ମତ୍ସ୍ୟ, ସାମାଜିକ ସୁରକ୍ଷା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଖାଦ୍ୟ ଓ ବେସାମରିକ ସାମଗ୍ରୀ ଯୋଜନା, ବିଦ୍ୟୁତ୍‌ଶକ୍ତି, କ୍ଷୁଦ୍ର ଜଳସେଚନ, ଜାତୀୟ ରାଜପଥ ବିଭାଗ, ଜିଲା ଯୋଜନା ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, ଜିଲା ଶିଳ୍ପ କେନ୍ଦ୍ର, ସ୍ୱାସ୍ଥ୍ୟ, ପୂର୍ତ୍ତ (ରାସ୍ତା ଓ କୋଠାବାଡ଼ି) ବିଭାଜନ ଆଦି ବିଭିନ୍ନ ଯୋଜନା ବାବଦରେ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଉପ ସଭାପତି ବର୍ଷାରାଣୀ ମୁଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ଅରୁଣ ସାହୁ, ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସ୍, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲା ପରିଷଦ ସଦସ୍ୟ ଗୀତାଞ୍ଜଳୀ ପାଣି, ପୁଷ୍ପାଞ୍ଜଳୀ ସାମଲ, ବାସନ୍ତୀ ବେହେରା, ରାଜେଶ ମହାନାୟକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓରମାସ୍ ଏଗ୍ରିମଲ, ରିଟେଲର ଆଉଟଲେଟ ଉଦ୍‌ଘାଟିତ

ଦେବଗଡ଼,୨୫ା୧୧(ଶଶାଙ୍କ ଶେଖର ଝାଙ୍କର)

ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଓସ୍ୱାନ ବିଲଡିଂରେ ଓରମାସ୍ ଦେବଗଡ ଦ୍ୱାରା ସ୍ଥାପିତ ଓରମାସ ଏଗ୍ରିମଲ ଓ ରିଟେଲର ଆଉଟଲେଟ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଜିଲା ପରିଷଦ କୌଶିକ କୁମାର ପ୍ରଧାନ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ ଓ ଜିଲାର ସ୍ୱୟଂ ସହାୟକ ତଥା ପ୍ରଡ୍ୟୁସର ଗ୍ରୁପ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଏଗ୍ରିମଲ ତଥା ଆଉଟଲେଟ ସ୍ଥାପନ ଦ୍ୱାରା କୃଷକମାନେ ବିଭିନ୍ନ ସୁବିଧା ପାଇପାରିବେ । ଜନସାଧାରଣ ଶୁଦ୍ଧ ଗ୍ରାମୀଣ ଜିନିଷ ପାଇପାରିବେ। ଏହି ମଲକୁ ଦେବଗଡ଼ ପ୍ରଡ୍ୟୁସର କମ୍ପାନୀ ପରିଚାଳନା କରିବ ବୋଲି ଡେପୁଟି ସିଓ ଓରମାସ ପ୍ରଧାନ ମତବ୍ୟକ୍ତ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୩୩ ସାମୂହିକ, ୩୨ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି

## ଲଖନପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୨୫ା୧୧(ଆଶିଷ ରଞ୍ଜନ ଦାଶ)




ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଭିକମପାଲିସ୍ଥିତ ଜିଲା ଖଣିଜ ପ୍ରତିଷ୍ଠାନ ସମ୍ବଳ କେନ୍ଦ୍ରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ଟିହିରିଆ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ ଓ ସରପଞ୍ଚ ପଦ୍ମିନୀ ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ୩୩ଟି ସାମୂହିକ ଓ ୩୨ଟି ବ୍ୟକ୍ତିଗତ ଥିଲା। ଶିବିରରେ ଶିକ୍ଷକ ନିଯୁକ୍ତି, କନକତୋରାଠାରେ ଯୁକ୍ତ ୩ ମହାବିଦ୍ୟାଳୟ ଖୋଲିବା ଓ କନକତୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା, ରମ୍ଭାଲୁଗା ବୁଡ଼ି ଗ୍ରାମର ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରିବା ଆଦି ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ସେହିପରି ଭିକମପାଲିସ୍ଥିତ ଉଦ୍ୟାନ ବିଭାଗ ନର୍ସରି ରକ୍ଷଣାବେକ୍ଷଣ, ଝାରଗାଁ ଓ କୁହାକୁଣ୍ଡା ଗ୍ରାମରେ ବାର୍‌ହା ଜନିତ କ୍ଷୟକ୍ଷତି ପାଇଁ ସୋଲାର ତାରବାଡ଼ ବ୍ୟବସ୍ଥା, ସୁନାରି ପଞ୍ଚାୟତକୁ ମରୁଡ଼ି ଘୋଷଣା, ନୂଆଡିହି ଜମ୍ବୁନାଳାରେ ଚାଷୀଙ୍କ ଜମିରେ ଖନନ କରାଯାଇଥିବା କେନାଲ ସକାଶେ କ୍ଷତି ପୂରଣ, ଅତାବିରା ଓ କୁମର ମୌଜାର ହୀରାକୁଦ ବାସଚ୍ୟୁତ ପରିବାରଙ୍କୁ ଦଖଲରେ ଥିବା ଜମିର ପଟ୍ଟା ପ୍ରଦାନ ଓ ତିଳିଗି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ କୋଠରୀ ନିର୍ମାଣ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଶିବିରରେ ରେଡ୍‌କ୍ରସ୍ ପକ୍ଷରୁ ୨ଜଣଙ୍କୁ ୩୫ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ସମ୍ବନ୍ଧରେ ତର୍ଜମା କରି ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଝାରସୁଗୁଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା,୨୫ା୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଶିକ୍ଷା ଜିଲାରେ ଶିକ୍ଷା ବିଭାଗ ଅଧୀନ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରକାଶ ଥାଉକି ଆଉ ୩ ମାସ ପରେ ବାର୍ଷିକ ପରୀକ୍ଷା ହେବ। ପ୍ରତି ସରକାରୀ ସ୍କୁଲରେ ୩୦ଜଣ ଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ରହିବା ଦରକାର। କିନ୍ତୁ ଅନୁପାତ ଅନୁଯାୟୀ ଅନେକ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ଏ ନେଇ ଜିଲାର ବହୁ ବିଦ୍ୟାଳୟ ଅଭିଭାବକ ମହଲରେ ଅଭିଯୋଗ ହେଉଥିଲେ ସୁଦ୍ଧା ସ୍କୁଲଗୁଡ଼ିକରେ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ହେଉନାହାନ୍ତି। ଏଥିସହ ଜିଲାର ବହୁତ ସରକାରୀ ସ୍କୁଲରେ ପିଲାଙ୍କୁ ଜୋତା ମିଳିଛି, ହେଲେ ମୋଜା ମିଳିନାହିଁ। ପୁଣି ଜୋତା ଅକ୍ଟୋବର ମାସରୁ ପ୍ରଦାନ କରାଯାଇଛି, ଏଯାଏଁ ମୋଜା ଦିଆଯାଇ ନାହିଁ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆଙ୍କୁ ପଚାରିବାରୁ ସେ କହିଲେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସୂକ୍ଷ୍ମ ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ସ୍କୁଲ ଜୋତା ସହ ମୋଜା ପ୍ରଦାନ କରିବା ଟେଣ୍ଡରରେ ନେଇଛନ୍ତି। ବଣ୍ଟନ ନ ହେବା ଚନ୍ତାର ବିଷୟ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଗତ କିଛିଦିନ ହେଲା ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗରୁ ୩୮ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଯେଉଁ ସ୍କୁଲଗୁଡ଼ିକରେ ଶିକ୍ଷକ ନାହାନ୍ତି, ଉକ୍ତ ସ୍କୁଲ ଗୁଡ଼ିକରେ ମଧ୍ୟ ପରବର୍ତ୍ତୀ ସମୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଉଛି।

## ଦିବ୍ୟାଙ୍ଗ ବିଶ୍ୱନାଥ ବେହେରାଙ୍କୁ ହୁଇଲ ଚେୟାର ପ୍ରଦାନ

ଦେବଗଡ଼,୨୫ା୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଲେଇବଣି ବ୍ଲକ ବଡଛାପଲ ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୨୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୧ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ଆସିଥିବା ଜଣାପଡିଛି। ବିଶେଷ କରି ରାସ୍ତା ମରାମତି, ଇଲେକ୍ଟ୍ରି ସମସ୍ୟା, ପାନୀୟଜଳ, ୦.୦୪ ଜମୀର ପଟ୍ଟା, ଶିକ୍ଷକ ନିଯୁକ୍ତି ଓ ଚିକିତ୍ସା ସୁବିଧା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଦିବ୍ୟାଙ୍ଗ ବିଶ୍ୱନାଥ ବେହେରାଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର, ଉପଜିଲାପାଳ ପରକ୍ଷିତ ସାହୁ, ତିଳେଇବଣି ଗୋଷ୍ଠି ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହି, ତହସିଲଦାର, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୨୫ା୧୧(ଶଶାଙ୍କ ଶେଖର ଝାଙ୍କର)


ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଦେବଗଡ଼ ଜିଲା ବୋରକୋଟ କ୍ଲବ ସଇଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ମା' ତାରିଣି ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ସୋମବାର ତ୍ରି ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ନରେ ଆୟୋଜକ ମା' ତାରିଣି ଫୁଟ୍‌ବଲ ଆସୋସିଏଶନ ସଭାପତି ମହେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଲା ଗ୍ରାମର ଅମିର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶାନ୍ତନୁ ପ୍ରଧାନ, ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଉମାଶଙ୍କର ସାହୁ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଶେଷରେ ସମ୍ପାଦକ ଅକ୍ଷୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ କିଷାନ ଗୟଳମରା ଫୁଟ୍‌ବଲ ଦଳକୁ ପରାସ୍ତ କରି ମଧୁପୁର ଫୁଟ୍‌ବଲ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ଉଦଘାଟନୀ ମ୍ୟାଚକୁ ରେଫରୀ ଭାବେ ଶିବୁ ସାହୁ, ମହେଶ୍ୱର ବେହେରା ଓ ପ୍ରଦୀପ ମହାକୁଳ ପରିଚାଳନା କରିଥିଲେ।

# କତରବଗାରେ ଭାଗବତ ଓ ଭକ୍ତ ମେଳା

ସମ୍ବଲପୁର,୨୫ା୧୧(ବି.ଶଙ୍କର)

ଗ୍ରାମୀଣ କଳାକାର ରତ୍ନାକର ପଧାନଙ୍କ ସ୍ମୃତିରେ ରତ୍ନାକର ସ୍ମାରକୀ ଭାଗବତ ଓ ଭକ୍ତମେଳା ସମ୍ବଲପୁର ଜିଲା କତରବଗାଠାରେ ଆୟୋଜିତ ହୋଇଯାଇଛି। ପ୍ରଥମ ଦିନ ଭାଗବତ ମେଳା ଓ ଦ୍ୱିତୀୟ ଦିନ ପାଠକ ମେଳା ହୋଇଥିଲା । ପାଠକମେଳାରେ ଅତିବଡ଼ି ଜଗନ୍ନାଥ ଦାସକୃତ ବାରସ୍କନ୍ଦ ଭାଗବତ ପାଠ, ଛାତ୍ରୀଛାତ୍ରଙ୍କ ଦ୍ୱାରା ମହାପୁରୁଷଙ୍କ ଜୀବନୀ ପାଠ କରାଯାଇଥିଲା । ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଗବେଷକ ଡ. ଦ୍ୱାରିକାନାଥ ନାୟକ, ଅଧ୍ୟାପକ ବ୍ରଜେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଭଗବତଗୀତା ପ୍ରଦାନ କରି ଉତ୍ସାହିତ କରିଥିଲେ। ଅଖଣ୍ଡ ଶ୍ରୀନାମ ନାମଯଜ୍ଞରେ ବିଶ୍ୱମ୍ଭର ପାଣିଗ୍ରାହୀ ପୂଜକ, ଡ.ଗୌରଦାସ ପଧାନ ଓ ମୌସୁମୀ ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବେଣୁବାବା ମଠ ବରଗଡ଼ର ମହନ୍ତ ଶ୍ରୀଭଗବାନ ଦାସ ଉପସ୍ଥିତ ଭକ୍ତମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ବଲପୁର ଜିଲା ଧନକଉଡ଼ା, କନଖିଣ୍ଡା, ଟାମ୍ପର କେଲା, ମୁରା, ଶାସନ, ଦେବେଇପାଲି, ପିପଲ ପଡ଼ା, ରୁହୁଣିଆ, ବଲାଙ୍ଗୀର ରାଜ ଆଗଲପୁର, ବେଲେପାହାଡ଼, ପଣ୍ଡରୀ, ଛତିଶଗଡ଼ ପଞ୍ଚସଖା କୀର୍ତନ ମଣ୍ଡଳୀର ଗାୟକ, ପଞ୍ଚଗାଁ ଆଦି ଅଞ୍ଚଳରୁ ଭକ୍ତ, କୀର୍ତନୀଆମାନେ ଯୋଗଦେଇଥିଲେ। ଭକ୍ତମେଳାରେ ବର୍ଷୀୟାନ କୀର୍ତ୍ତନିଆମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ

# ପ୍ରଧାନପାଟ କ୍ଲବ ବିଜୟୀ

ଦେବଗଡ଼,୨୫ା୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିର ଗାନ୍ଧୀ ଷ୍ଟାଡିୟମଠାରେ ଷଷ୍ଠ ସର୍ବଭାରତୀୟ 'ପ୍ରଧାନପାଟ କପ' ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ପ୍ରଧାନପାଟ କ୍ଲବ ଓ ଫୁଲବାଣିର ସୁରଜ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଧାନପାଟ କ୍ଲବ ଫୁଲବାଣିର ସୁରଜ ଫୁଟ୍‌ବଲ କ୍ଲବକୁ ଟାଇବ୍ରେକର ଜରିଆରେ ୪-୩ଗୋଲରେ ପରାସ୍ତ କରିଥିଲା। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ପ୍ରଧାନପାଟ କ୍ଲବର ଗୋଲକିପର ଅଜିତ ମ୍ୟାନ ଅଫ୍ ମୟାଚ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ରେ ରେଫରୀ ଭାବେ ଅଶ୍ୱିନୀ ବରିହା, ଭୀଷ୍ମଦେବ ବୁଡୁଲା, ନିଳ ନାୟକ ଓ ସାଗର ନାୟକ ପରିଚାଳନା କରିଥିବା ବେଳେ ହେମନ୍ତ କୁମାର ମହାପାତ୍ର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସୁବାସ ଚନ୍ଦ୍ର ଭୋଇ, ସଞ୍ଜୀବ ନାଏକ, ସଞ୍ଜୀବ ବେହେରା, ଶରତ ମେହେର, ଦୀପକ ବେହେରା, ରୂପକ ମାଝି, ଶୁକଦେବ ଭଞ୍ଜ, ଅନନ୍ତ ମେହେର, ଅଲେଖ ନାୟକ ଓ ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିବା ଜଣାପଡିଛି। ପ୍ରଧାନପାଟ କ୍ଲବ ସଭାପତି ବିକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର ଓ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ମଙ୍ଗଳବାର ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ଓ ଭିଲାଇର ନ୍ୟୁ ମସାଜ ଫୁଟ୍‌ବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।


ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଦ୍ୱିଦିବସୀୟ ଫୁଟ୍‌ବଲ୍: ଜୁରାବଗା ଚାମ୍ପିୟନ

ବ୍ରଜରାଜନଗର,୨୫ା୧୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବ୍ଲକ ଅଧୀନ ଚାନ୍ଦିନୀମାଲ ପଞ୍ଚାୟତ ଅନ୍ତର୍ଗତ ବରପାଲି ଗ୍ରାମରେ ସୁବର୍ଣ୍ଣ ଜୟନ୍ତୀ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ଚାଲିଥିବା ଦ୍ୱିଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଯୁରାବଗା ଓ ପ୍ରିନ୍ସ ବ୍ରଦର ରଣକଟା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଯୁରାବଗା ଦଳ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜଗନ୍ନାଥ ଯୁବକ ସଂଘ ସଭାପତି ହେମନ୍ତ ବଗାରଙ୍କ ସଭାପତିତ୍ୱରେ ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଏକ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ, ପୂର୍ବତନ ଜିଲା ପରିଷଦ ହର୍ଷ ଜଗତ, ରା. କଟାପାଲି ଗଣପତି କ୍ଲବ ସଭାପତି ଈଶ୍ୱର ପ୍ରଧାନ, ସାମାଜିକ କର୍ମୀ ରାଜୀବ ପାଢୀଯୋଶୀ, ନରେଶ ପ୍ରଧାନ, ଶିବାଜି ମାଝି, ବିଜୟ ଭୋଇ, ଯୁଗେସ ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଯୁରାବଗା ଦଳକୁ ଟ୍ରଫି ସହିତ ୩୦,୦୦୦ ହଜାର ଟଙ୍କା ଓ ଉପବିଜେତା ପ୍ରିନ୍ସ ବ୍ରଦର ରଣକଟା ଦଳକୁ ଟ୍ରଫି ସହିତ ୨୦,୦୦୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ରଣକଟା ଦଳର କିଶୋର ଖଡିଆଙ୍କୁ ଶ୍ରେଷ୍ଠ ଖେଳାଳି, ନରେଶ କର୍ତ୍ତା ମ୍ୟାନ ଅଫ୍ ଦି ମ୍ୟାଚ୍, ଟଙ୍କଧର ବାଗ ଶ୍ରେଷ୍ଠ ଫରୱାଡ, ଶ୍ରେଷ୍ଠ ଗୋଲକିପର ଜୁରାବଗା ଦଳର ନରେଶ କର୍ତ୍ତା, ଶ୍ରେଷ୍ଠ ଡିଫେନ୍ସ ଭାବେ ଅନୀଲ ଜଗତ, ପ୍ରତିଯୋଗିତାର ଅନୁଶାସନ ଦଳ ଭାବେ ଜୁରାବଗା ଦଳକୁ ପୁରସ୍କୃତ କରାଯାଇଥିଲା। ହେମନ୍ତ ଧୁରୁଆ ମଞ୍ଚ ପରିଚାଳନା କରିଥିଲେ। ନବୀନ ଦେଓ, ଅନୁଜ ଡିଜି, ପଦ୍ମ ଭଇଁଷା, ଯଦୁମଣି ନାଏକ, କ୍ଷୀରୋଦ ଗର୍ଡ଼ିଆ, ଅରୁଣ ପ୍ରଧାନ, ଅରୁଣ ମିର୍ଦ୍ଧା, କିଶୋର ମାଝି, ମେଘନାଥ ଓରାମ ଖେଳ ପରିଚାଳନା କରିଥିଲେ। ରେଫରି, ଆୟୋଜଙ୍କ ଭଲୋଣ୍ଟିୟରମାନଙ୍କୁ ମଧ୍ୟ ମେଡାଲ ପ୍ରଦାନ କରାଯାଇଥିଲା। ଶେଷରେ ଜୟରାମ ବଗାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଜଗନ୍ନାଥ ଯୁବକ ସଂଘ ସଦସ୍ୟ ରମା ପ୍ରଧାନ, ଆକାଶ ପୋଢ଼, କେଶବ ବିଶି, ଉଦିତ ମାଝି, ବାବୁଲୁ ବଡ଼ାଇ, ଠାକୁର ପ୍ରଧାନ, ଉମେଶ ବଡ଼ାଇ, ଆକାଶ ଦୋରା, ବିକାଶ ପୋଢ଼, ଅଶୋକ ଭୋଇ, ଉଦ୍ଧବ ସେଟ, ପପୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଖେଳାଳି ଏବଂ ଅତିଥିବୃନ୍ଦ।

## ଶ୍ରମିକ ନେତାଙ୍କ ସ୍ମୃତିସଭା

ରାଉରକେଲା,୨୫ା୧୧(ଦିନେଶ ମିଶ୍ର): ନାରାୟଣ ଚନ୍ଦ୍ର ରାଉତ ସ୍ମୃତି ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ଶ୍ରମିକ ନେତା ଓ ସମାଜସେବୀ ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାଉତଙ୍କ ୨୩ତମ ସ୍ମୃତିଚାରଣ ସଭା ସେକ୍ଟର- ୩ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଖଡ୍ଡ ଭବନରେ ରବିବାର ଅନୁଷ୍ଠିତ ହୋଇଥିଲା। କବି କୁଞ୍ଜବିହାରୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବସ୍ତିଆ ମେମୋରିଆଲ ଟ୍ରଷ୍ଟର ମୁଖ୍ୟ ଇଞ୍ଜିନିୟର ହେମନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ସଭାରେ ସମାଜସେବୀ ହରିହର ରାଉତରାୟ ମୁଖ୍ୟ ଅତିଥି, ଶ୍ରମିକନେତା ପ୍ରଶାନ୍ତ ବେହେରା, ଗୁରୁଚରଣ ଦାସ, ସୁଧୀର ସୁନ୍ଦରରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପି. ପି. ରାୟ, ରାଧାଶ୍ୟାମ ପରିଡା, ନିତ୍ୟାନନ୍ଦ ବିଶ୍ୱାଳ, ରବିନାରାୟଣ ପରିଡା, ଭଗବାନ ରାଉତ, ଅକ୍ଷୟ ଦାସ, ଶଶଧର ପାତ୍ର, ଶମ୍ଭୁନାଥ ପରିଡା, ଜ୍ଞାନେନ୍ଦ୍ର ଦାସ, ରତ୍ନାକର ବଳ, ସୁବାସ ନାୟକ ପ୍ରମୁଖ ସ୍ୱର୍ଗତ ରାଉତଙ୍କ ଜୀବନାଦର୍ଶ ଓ ସମାଜ ପ୍ରତି ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସ୍ୱପ୍ନାରାଣୀ ଭଞ୍ଜଦେଓ, ତନୁ ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ ତାଙ୍କର ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିରୋଦ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳୁନି ନିଯୁକ୍ତି, ଯୁବବର୍ଗ ହତାଶ

- ଗତ ୧୦ ମାସରେ ଜିଲାରେ ନିଯୁକ୍ତି ନାହିଁ
- ରିନ୍ୟୁଆଲ ନ ହେବାରୁ ୩୧ଶହ ପିଲାଙ୍କ ନାଁ ବାଦ୍

ରାଉରକେଲା,୨୫ା୧୧(ବିପ୍ଳବ ରଞ୍ଜନ ଦାଶ)




ସରକାର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବର୍ଗ ଯୁବତୀଯୁବକମାନଙ୍କୁ ଜବ୍ ଡ୍ରାଇଭ କାର୍ଯ୍ୟକ୍ରମ କରି ନିଯୁକ୍ତି ପ୍ରଦାନ କରୁଛନ୍ତି। ମାତ୍ର ରାଉରକେଲା ନିୟୋଜନ ବିଭାଗ ମାଧ୍ୟମରେ ଏହି ବ୍ୟବସ୍ଥା କେବଳ କାଗଜ କଲମରେ ସୀମିତ ରହିଯାଉଥିବା ଅଭିଯୋଗ ହେଉଛି। ଫଳରେ ସୁନ୍ଦରଗଡ଼ ଜିଲାର ହଜାର ହଜାର ଶିକ୍ଷିତ ଯୁବତୀଯୁବକ ନିୟୋଜନ ବିଭାଗରେ ନିଜ ନାଁ ପଞ୍ଜୀକୃତ କରାଉଥିଲେ ମଧ୍ୟ ବର୍ଷ ବର୍ଷ ଧରି ସେମାନଙ୍କୁ ନିଯୁକ୍ତି ସୁଯୋଗ ମିଳୁନାହିଁ। ଅନ୍ୟପକ୍ଷେ ନିଯୁକ୍ତି ନ ପାଇ ବହୁ ଯୁବତୀଯୁବକ ହତାଶ ହୋଇ ନିୟୋଜନ କାର୍ଯ୍ୟାଳୟରେ ଥରେ ନାଁ ପଞ୍ଜୀକରଣ କରାଇବା ପରେ ଆଉ ରିନ୍ୟୁଆଲ କରୁ ନ ଥିବା ଜଣାପଡିଛି।

ସୂଚନା ଅନୁସାରେ, ତା.୧।୧।୨୪ରିଖରୁ ତା. ୩୧।୧୦।୨୪ରିଖ ୧୦ମାସ ମଧ୍ୟରେ ରାଉରକେଲା ନିୟୋଜନ ବିଭାଗରେ ରାଉରକେଲା, ସୁନ୍ଦରଗଡ ଓ ବଣେଇ ଅଞ୍ଚଳର ୧୭୪୭ଜଣ ଯୁବତୀ ଯୁବକ ନିଜ ନାଁ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୬୦ଜଣ ଡିପ୍ଲୋମା, ଆଇଟିଆଇ, ପୋଷ୍ଟ ଗ୍ରାଜୁଏଟଙ୍କ ମଧ୍ୟରୁ ୧୬ଜଣଙ୍କୁ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ, କୋରାପୁଟ (ଏଚ୍ଏଏଲ)ରେ ନିଯୁକ୍ତି ବ୍ୟବସ୍ଥା ହୋଇଥିଲା। ତେବେ ଏଯାଏ ଉକ୍ତ ପିଲାମାନଙ୍କୁ ନିଯୁକ୍ତି ମିଳିପାରିନାହିଁ। ଗତ ୧୦ମାସରେ ମୋଟ ୪୫ଟି ପ୍ଲେସମେଣ୍ଟ ହୋଇଥିବା ବେଳେ ଏଥିରେ ଜଣେ ବି ଗ୍ରାଜୁଏଟ ପିଲା ସୁଯୋଗ ପାଇନାହାନ୍ତି। ତେବେ ବେସରକାରୀ ପ୍ରତିଷ୍ଠାନରେ ୪୫ଜଣଙ୍କୁ ଥଇଥାନ କରିବାକୁ ଯୋଜନା ବିଭାଗ ରଖିଥିବା ବେଳେ ଏପର୍ଯ୍ୟନ୍ତ ଜଣେ ହେଲେ ଥଇଥାନ ହୋଇନାହାନ୍ତି।

ପୂର୍ବରୁ ଜିଲା ନିୟୋଜନ ବିଭାଗରେ ୫୨୧୭୭ଜଣ ନିଜ ନାଁ ପଞ୍ଜୀକରଣ କରାଇଥିଲେ। ସେମାନଙ୍କ ମଧ୍ୟରେ ୩୦୯୯୦ଜଣ ପୁରୁଷ ଓ ୨୧୧୮୭ଜଣ ମହିଳା ରହିଛନ୍ତି। ସେହିପରି ଏମାନଙ୍କ ମଧ୍ୟରେ ସାଧାରଣ ଓ ପଛୁଆବର୍ଗର ୨୨୪୫୨, ଏସ୍‌ସି ୫୨୭୬ ଓ ଏସ୍‌ଟି ବର୍ଗର ୨୩୦୪୨ଜଣ ରହିଛନ୍ତି। ଅର୍ଦ୍ଧଶିକ୍ଷିତ ବର୍ଗରେ ସାଧାରଣ ଓ ପଛୁଆ ବର୍ଗର ୨୦୮ଜଣ, ଏସ୍‌ସି ବର୍ଗର ୩୧୦ଜଣ ଏବଂ ଏସ୍‌ଟି ବର୍ଗର ୮୮୯ଜଣ ଅଛନ୍ତି। ମାତ୍ର ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ ବର୍ଗର ଜଣେ ସୁଦ୍ଧା ପିଲା ନିଜ ନାଁ ପଞ୍ଜୀକରଣ କରିନାହାନ୍ତି। ଅନ୍ୟପକ୍ଷେ ଗତ ୧୦ମାସରେ ୩୧ଶହ ପିଲା ରିନୁଆଲ ନ କରିବାରୁ ସେମାନଙ୍କ ନାଁ ତାଲିକାରୁ ବାଦ୍ ପଡିଛି।

ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ୧୦ ମାସର ତଥ୍ୟରୁ ଜଣାପଡୁଛି , ସୁନ୍ଦରଗଡ ଭଳି ଖଣି ଖାଦାନ ଭରା ଜିଲାରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଥିଲେ ମଧ୍ୟ ଯୁବବର୍ଗଙ୍କୁ ଉପଯୁକ୍ତ ସୁଯୋଗ ମିଳୁନି। ଏ ନେଇ ରାଉରକେଲା ନିୟୋଜନ ଅଧିକାରୀ ରମେଶ ଚନ୍ଦ୍ର କିଷାନଙ୍କୁ ପଚାରିବାରୁ ସେ କହିଥିଲେ, ଗତ ୧୦ ମାସ ମଧ୍ୟରେ ଅଧିକ ଶିକ୍ଷିତ ଯୁବବର୍ଗଙ୍କୁ ପଞ୍ଜୀକରଣ କରାଇବା ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବହୁ ଶିକ୍ଷିତ ପିଲାଙ୍କୁ ଜିଲା ବାହାର କମ୍ପାନୀରେ ନିଯୁକ୍ତି ଦେବାକୁ ପ୍ରୟାସ କରାଯାଇଛି। ମାତ୍ର ବହୁ ପିଲା ବାହାରକୁ ଯିବାକୁ ନାରାଜ ହେଉଛନ୍ତି। ଆଗକୁ କିଭଳି ଅଧିକରୁ ଅଧିକ ଶିକ୍ଷିତ ପିଲା ପଞ୍ଜୀକୃତ ହେବେ ଓ ଥଇଥାନ ହେବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କିଷାନ କହିଥିଲେ।

## ଶିବିରରେ ୨୭୦ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ଠିକା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଉରକେଲା,୨୫ା୧୧(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ନୂତନ ପ୍ଲେଟ ମିଲ୍ ଅଞ୍ଚଳରେ କାର୍ଯ୍ୟରତ ୨୭୦ଜଣରୁ ଅଧିକ ଠିକା ଶ୍ରମିକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ଏଚ୍ଆର ଠିକା ଶ୍ରମିକ ସେଲ୍ ଦ୍ୱାରା କର୍ମଚାରୀ ରାଜ୍ୟ ବୀମା ନିଗମ ମଡେଲ ହସ୍ପିଟାଲ ଓ ଆରଜିଏଚ୍ ସହଭାଗିତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଇଏସ୍ଆଇସି ଏବଂ ଓଏଚ୍ଏସ୍‌ର ଡାକ୍ତର ଓ ଟେକ୍ନିସିଆନମାନେ ଠିକା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆର୍ଏସ୍‌ପି ପ୍ଲେଟ ମିଲ୍ ବିଭାଗ ସିଜିଏମ୍ ଆର. କେ. ବିସାରେ, ମାନବ ସମ୍ବଳ ବିଭାଗର ସିଜିଏମ୍ ଏସ୍.ଏନ୍. ପଣ୍ଡା, ଏଚ୍ଆର୍ ପ୍ରୋଜେକ୍ଟ ଏବଂ ସିଏଲ୍‌ସି ବିଭାଗର ମହାପ୍ରବନ୍ଧକ ଜି. ଆର୍ ଦାସ ଏବଂ ନୂତନ ପ୍ଲେଟ ମିଲ୍ ବିଭାଗର ଜିଏମ୍ ରାମଶଙ୍କର ଶର୍ମା ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିଥିଲେ। ଏହି ଅବସରରେ କାର୍ମିକ ଠିକା ଶ୍ରମିକ ସେଲ୍ ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିଆ ସିନ୍ଦୁର ସ୍ୱାସ୍ଥ୍ୟ ଶିବିର ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିବିରରେ ଠିକା ଶ୍ରମିକମାନଙ୍କ ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ ଗ୍ରୁପିଂ, ହେପାଟିଟିସ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ଏଥିସହ ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ସମସ୍ୟା ତଥା ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ସେମାନଙ୍କୁ ସଚେତନ କରାଯାଇଥିଲା। ଆରଏସପି ନୂତନ ପ୍ଲେଟ ମିଲ ବିଭାଗର ସିନିୟର ମ୍ୟାନେଜର ଏବଂ ଡିଏସ୍ଓ ସୁମନ କୁମାର ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିର ସଭ୍ୟ ସଂଗ୍ରହ କର୍ମଶାଳା

ରାଉରକେଲା,୨୫ା୧୧(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ସରୋବର ନିକଟ ପଡିଆରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ରବିବାର ସଭ୍ୟ ସଂଗ୍ରହ କର୍ମଶାଳା ଓ ସମାବେଶ ବାଙ୍କି ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡିର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ କିଭଳି ଲୋକଙ୍କ ପାଖରେ ପହଞ୍ଚାଯିବ ଓ ତୃଣମୂଳ ସ୍ତରରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବାକୁ ନେଇ ମିଶ୍ର କହିଥିଲେ। ବିଜେଡି ସଭ୍ୟ ସଂଗ୍ରହ ଅଭିଯାନର ଅଧ୍ୟକ୍ଷ ଅତନୁ ସବ୍ୟସାଚୀ ନାୟକ, ଦେବଗଡ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ବିଜୟ ନାୟକ, କାର୍ଯ୍ୟକାରୀ ସଭାପତି ଅଭିନାଶ ଠାକୁର, ବିଜୁ ଯୁବ ଜନତାଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ବରିଷ୍ଠ ନେତା ମଙ୍ଗଳା କିଷାନ, ପୂର୍ବତନ ବିଧାୟକ ସୁବ୍ରତ ତରାଇ, ବରିଷ୍ଠ ନେତା ଆନନ୍ଦ ଚରଣ ମହାନ୍ତି, ଜୟନ୍ତ ମିଶ୍ର, ଶ୍ରୀଚରଣ ମହାନ୍ତି, ରାଜେନ୍ଦ୍ର କୁଜୁର, ପ୍ରଶାନ୍ତ ସେଠୀ, ପ୍ରଫୁଲ୍ଲ ସୁନାନି, ପ୍ରଦ୍ୟୁମ୍ନ ତ୍ରିପାଠୀ, ବୀରେନ ସେନାପତି, ବିନୟ ଟୋପୋ, ରଶ୍ମିବାଳା ମିଶ୍ର, ଗଗନ ପଣ୍ଡା, ଜିଲା ସଭାପତି ହାଲୁ ମୁଣ୍ଡାରୀ, ଆର୍ତ୍ତତ୍ରାଣ ମହରଣା, ଜ୍ୟୋତ୍ସ୍ନା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ରାଉରକେଲା, ସୁନ୍ଦରଗଡ, ଦେବଗଡ ଓ ଝାରସୁଗୁଡା ସାଙ୍ଗଠନିକ ଜିଲାର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୮ ହଜାର ସଭ୍ୟ ସଂଗ୍ରହ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳର ରାଜ୍ୟ କର୍ମକର୍ତ୍ତା ଡି. ଅଭିକ କୁମାର, ଦୁଷ୍ମନ୍ତ ରାଉତରାୟ, ଏମ୍‌ଡି ବାବୁ ଖାନ, ବିରଞ୍ଚି ସାମଲ, ହିମାଂଶୁ ପଣ୍ଡା, ସେହବାଜ୍ ହୁସେନ୍, ସଞ୍ଜୀବ ଛୋଟରାୟ, ବିକନ ବଳ, ନାରୀନେତ୍ରୀ ଏମା ଏକ୍କା, ନିବେଦିତା ବାଗେ, ସୁଜିତ ପାଲଟାସିଙ୍ଗ୍, ଛବିରାଣୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବିଜୁ ଛାତ୍ର ଜନତା ଦଳର ସୁନ୍ଦରଗଡ ଜିଲା ସଭାପତି ଏମ୍‌ଡି ସେହବାଜ ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ।



ସଭ୍ୟ ସଂଗ୍ରହ କର୍ମଶାଳାରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

## ଆର୍‌ଏସ୍‌ପିରେ ଚୁକ୍ତିନାମା ପ୍ରକ୍ରିୟାକରଣ, କାର୍ଯ୍ୟକାରିତା କର୍ମଶାଳା


କର୍ମଶାଳାରେ ଅଂଶଗ୍ରହଣ କରିଥିବା ବରିଷ୍ଠ ଅଧିକାରୀ ଓ କର୍ମଚାରୀ।

ରାଉରକେଲା,୨୫ା୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍‌ପି ସତର୍କତା ବିଭାଗ ପକ୍ଷରୁ ଗୋପବନ୍ଧୁ ପ୍ରେକ୍ଷାଳୟରେ ଚୁକ୍ତିନାମା ପ୍ରକ୍ରିୟାକରଣ ଓ କାର୍ଯ୍ୟକାରିତା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଇଡି ଇନ୍‌ଚାର୍ଜ (ୱାର୍କସ) ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଇଡି (ଅପରେଶନ) ବିଶ୍ୱ ରଞ୍ଜନ ପଲାଇ, ସିଜିଏମ୍ ଭିଜିଲାନ୍ସ ଓ ଏସିଭିଓ ସୁବ୍ରତ ପ୍ରହରାଜ, କାରଖାନାର ବହୁ ସିଜିଏମ୍, ବିଭାଗ ମୁଖ୍ୟ, ବିଭିନ୍ନ ବିଭାଗର ସମ୍ପୃକ୍ତ ଇଣ୍ଡେଟର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କର୍ମଶାଳାର ଉଦ୍‌ଘାଟନୀ ଅଭିଭାଷଣରେ ବର୍ମା ଯତ୍ନଶୀଳ ଯୋଜନା, ସଠିକ ଡକ୍ୟୁମେଣ୍ଟେଶନ ଏବଂ ପ୍ରକ୍ରିୟାଗତ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ତରଦାୟିତ୍ୱ ଓ ବୃତ୍ତିଗତ ସଂସ୍କୃତି ପ୍ରତିପାଦନ କରିବାରେ ସେ ଏପରି ପଦକ୍ଷେପ ଗୁଡିକର ଭୂମିକା ଉପରେ ଆଲୋକପାତ କରିଥିଲେ। ଏସିଭିଓ ଭିଜିଲାନ୍ସ ସମୀକ୍ଷା ସମୟରେ ପରିଲକ୍ଷିତ ପୁନଃପୌନିକ ବ୍ୟବଧାନ ଉପରେ ଉଲ୍ଲେଖ କରିଥିଲେ। ଏହିପରି ସମସ୍ୟାଗୁଡିକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ମତ ବିନିମୟ ଅଧିବେଶନରେ ଅଂଶଗ୍ରହଣକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନଗୁଡିକ ଉପସ୍ଥାପନ କରିବା ସହ ବାସ୍ତବିକ ଆହ୍ୱାନଗୁଡିକ ସମାଧାନ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏଜିଏମ୍ (ଭିଜିଲାନ୍ସ) ସନ୍ଦୀପ ବଂଶଲ କ୍ରୟ ଆବଶ୍ୟକତା ପ୍ରକ୍ରିୟାକରଣ, ଇଣ୍ଡେଣ୍ଟ ଗୁଡିକର ଯାଞ୍ଚ ଏବଂ ଚୁକ୍ତିନାମା ପ୍ରକ୍ରିୟାକରଣରେ ବିଭିନ୍ନ ସମସ୍ୟା ଓ ବ୍ୟବଧାନ ସମ୍ବନ୍ଧୀୟ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ମ୍ୟାନେଜର (ଭିଜିଲାନ୍ସ) ହରିଶ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କବାଡି ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୨୫ା୧୧(ଦିନେଶ ମିଶ୍ର)

ପ୍ରଗତି ଉତ୍କଳ ସଂଘ ଆୟୋଜିତ କବାଡି ଟୁର୍ନାମେଣ୍ଟ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଆର୍‌ଏସ୍‌ପି ମୁଖ୍ୟ ମହାପ୍ରବନ୍ଧକ ଗିରିଜା ଶଙ୍କର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବାଳିକା ବର୍ଗରେ ମ୍ୟୁନିସିପାଲ କଲେଜ ଚାମ୍ପିୟନ ହୋଇଥିବାବେଳେ ଛେଣ୍ଡସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟ ଉପବିଜେତା ହୋଇଛି। ସେହିଭଳି ବାଳକ ବିଭାଗରେ ହୃଷୀକେଶ ରାୟ ମହାବିଦ୍ୟାଳୟ ବିଜେତା ହୋଇଥିବାବେଳେ ଇସ୍ପାତ କଲେଜ ଉପବିଜେତା ହୋଇଛି। ଏହି ପ୍ରତିଯୋଗିତାରେ ରାଜଗାଙ୍ଗପୁରର ଶ୍ରୀଅରବିନ୍ଦ ସ୍କୁଲକୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଥିଲା। ମ୍ୟାଚରେ ବାଳକ ବିଭାଗରେ ହୃଷୀକେଶ ରାୟ ମହାବିଦ୍ୟାଳୟର ଦିଲୀପ ଦେହୁରୀଙ୍କୁ ବେଷ୍ଟ ରେଡର ଓ ଇସ୍ପାତ କଲେଜର ଜିତେଶ କୁମାର ବେଷ୍ଟ କ୍ୟାଚର ଭାବେ ପୁରସ୍କୃତ କରାଯାଇଥିଲା। ବାଳିକା ବିଭାଗରେ ମ୍ୟୁନିସିପାଲ କଲେଜର ସୁମନ ଖାଲକୋ ବେଷ୍ଟ ରେଡର ଓ ହୃଷୀକେଶ ରାୟ ମହାବିଦ୍ୟାଳୟର ରିତିକା ଦଣ୍ଡସେନାଙ୍କୁ ବେଷ୍ଟ କ୍ୟାଚର ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ତର୍ଜାତୀୟ ରେଫରୀ ଅରବିନ୍ଦ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଶୋକ କୁମାର ରାଉତ, ଆକାଶ ସିନ୍ଦ୍ରିୟା, ବଜରଙ୍ଗ ବାଗ, ସତ୍ୟରଞ୍ଜନ ପଣ୍ଡା, ରାଜେଶ କୁମାର ମଲ୍ଲିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରାଧାମୋହନ ନାୟକ, ଅଶୋକ କୁମାର ପଟ୍ଟନାୟକ, ବିପିନ ବିହାରୀ ପଟ୍ଟନାୟକ, ଇନ୍ଦ୍ରମଣି ମହାପାତ୍ର, ପ୍ରସନ୍ନ କୁମାର ମହାନ୍ତି, ଶୁଭ୍ରାଂଶୁ ଶେଖର ମହାପାତ୍ର, ଅର୍ଜୁନ ଭୂୟାଁ, ରବୀନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ସହ ପୁରସ୍କୃତ ଖେଳାଳିଗଣ।

## ୨୯ରୁ ଭଗବଦ୍ ଗୀତା ରହସ୍ୟ କର୍ମଶାଳା

ରାଉରକେଲା,୨୫ା୧୧(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ୨୯ତାରିଖରୁ ରାଉରକେଲା ସେକ୍ଟର-୨୦ସ୍ଥିତ କୋଏଲ ନଗର ବିଦ୍ୟାପୀଠ ପଡିଆରେ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ଗୀତାର ଆଧାତ୍ମିକ ଜ୍ଞାନୋଦୟ କର୍ମଶାଳା ଆରମ୍ଭ ହେବ। ଏହି କର୍ମଶାଳା ଡିସେମ୍ବର ୩ତାରିଖ ଯାଏ ଚାଲିବ। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରୁ ୮ଟା ଯାଏ ସର୍ବଶାସ୍ତ୍ର ଶିରୋମଣି ଭଗବଦ ଗୀତା ଶ୍ରବଣର ମହତ୍ୱ, ଆତ୍ମଦର୍ଶନ, ପରମାତ୍ମା ଦର୍ଶନ, ମହାଭାରତରେ ପାଣ୍ଡବ କୌରବଙ୍କ ବର୍ଣ୍ଣନା, କର୍ମ ସିଦ୍ଧାନ୍ତ, ରାଜଯୋଗ, ଶେଷରେ ବିକାରର ଆହୁତି ଓ ସମାପ୍ତି ସମ୍ପର୍କିତ କାର୍ଯ୍ୟକ୍ରମ ରହିଥିବା କେନ୍ଦ୍ରର ମୁଖ୍ୟ ବ୍ରହ୍ମକୁମାରୀ ଅଳୀ ସୂଚନା ଦେଇଛନ୍ତି। ଅମୂଲ୍ୟ ଚକ୍ର, ପିଙ୍କି, ଭାରତୀ, ଗୌରୀ, ବିଜୟ, ରାଜକିଶୋର ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲା ସ୍ୱଦେଶୀ ମେଳା ତଥ୍ୟ ପୁସ୍ତିକା ଉନ୍ମୋଚିତ

ରାଉରକେଲା,୨୫ା୧୧(ଦିନେଶ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ଗସ୍ତରେ ସୁନ୍ଦରଗଡ ଆସିଥିବାବେଳେ ସର୍କିଟ୍ ହାଉସ୍‌ରେ ସ୍ୱଦେଶୀ ମେଳା ରାଉରକେଲାର ବିବରଣୀ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଉନ୍ମୋଚନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତି, ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନାରାୟଣ ପଟେଲ, ସ୍ୱଦେଶୀ ମେଳାର ସଦସ୍ୟ ମନୋଜ ନାଏକ, ଭୀମସେନ ନାଏକ, ରୀତେଶ ହାଲଦାର, ସୁରତ ପଣ୍ଡା, ଦୀନେଶ ଭୋଳ, ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସ୍ୱଦେଶୀ ମେଳା ଆସନ୍ତା ଡିସେମ୍ବର ୨୫ତାରିଖରୁ ୨୦୨୫ ଜାନୁଆରୀ ୫ ତାରିଖରେ ପର୍ଯ୍ୟନ୍ତ ସେକ୍ଟର-୧୩ ନମ୍ବର ପଡିଆରେ ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୩ଶହରୁ ଊର୍ଦ୍ଧ୍ୱ ଷ୍ଟଲ ବିକ୍ରି ଓ ପ୍ରଦର୍ଶନ ପାଇଁ ଆସିବେ। ପ୍ରତିଦିନ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସାମ୍ପ୍ରତିକୀ ଅର୍ଥନୀତିକୁ ନେଇ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି।


ସ୍ୱଦେଶୀ ମେଳା ତଥ୍ୟ ପୁସ୍ତିକାକୁ ଉନ୍ମୋଚନ କରାଯାଉଛି।

# କମାଲ କଲେ ବଲିଉଡ୍ ନୃତ୍ୟଶିଳ୍ପୀ


କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


ବଲିଉଡ୍ ନୃତ୍ୟଶିଳ୍ପୀ ରୋଜା ରାଣାଙ୍କ ଦଳଗତ ନୃତ୍ୟ ପରିବେଷଣ।

### ଆଜା ନଚ୍‌ଲେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୨୫ା୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭଞ୍ଜଭବନ ପ୍ରେକ୍ଷାଳୟରେ ୨ ଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା 'ଆଜା ନଚ୍‌ଲେ' ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ନୃତ୍ୟଶିଳ୍ପୀମାନେ ଭାଗ ନେଇଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗ ମଧ୍ୟରେ ୫ଟି ପର୍ଯ୍ୟାୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବମ୍ବେ, ଧାନବାଦ, ଆସନସୋଲ, ଝାଡ଼ଖଣ୍ଡ, କଲିକତା, ରାଜସ୍ଥାନ ଏବଂ ଛତିଶଗଡ଼ରୁ ୧୮୦ଜଣ ପ୍ରତିଯୋଗୀ ଏକକ ତଥା ଦଳଗତ ନୃତ୍ୟରେ ଭାଗ ନେଇଥିଲେ। ବଲିଉଡ୍‌ର ନୃତ୍ୟ ପ୍ରତିଭା ରୋଜା ରାଣା ଓ ପଶ୍ଚିମବଙ୍ଗର ବିଶିଷ୍ଟ ନୃତ୍ୟଗୁରୁ ସୁସ୍ମିତା ତମଙ୍ଗ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ପ୍ରାକ୍ତନ ସଭାପତି ସୁନୀଲ କୟାଲ, ନୃତ୍ୟାନୁଷ୍ଠାନର ଅଧ୍ୟକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁ, ନିର୍ଦ୍ଦେଶକ ଆଲୋକ ଜେନା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ପ୍ରେମାନନ୍ଦ ସାମଲ, ଲାୟନ୍ସ କ୍ଲବ ସଭାପତି ବୈଶାଳୀ ଖେଡିଆ ଓ ସମାଜସେବୀ ସୀମା ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୋଜାଙ୍କୁ ରାଉରକେଲାର ଗର୍ବ ବୋଲି ସମ୍ବୋଧିତ କରିବା ସହ ଛୋଟ ବୟସରୁ ନୃତ୍ୟ ବିଚାରକ ଦାୟିତ୍ୱ ତୁଲାଇଥିବାରୁ ସୁସ୍ମିତାଙ୍କୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାର ଏକକ ପର୍ଯ୍ୟାୟ ଜୁନିୟର ବର୍ଗରେ ରାଉରକେଲାର ଆକାଂକ୍ଷା ପ୍ରଧାନ ପ୍ରଥମ, କୋରାପୁଟର ଅଦିତି ପଟ୍ଟନାୟକ ଦ୍ୱିତୀୟ ଏବଂ ରାଉରକେଲାର ପ୍ରିୟାନୀ ଛାଟୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ଏକକ ବର୍ଗରେ ବମ୍ବେର କିଷାନ ଆଉଜି ପ୍ରଥମ, ରାଉରକେଲାର ଆକାଶ ସାହୁ ଦ୍ୱିତୀୟ ଓ ଝାରସୁଗୁଡାର ଦୁଷନ୍ତ ପେଧା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଦଳଗତ ନୃତ୍ୟ ତିନୋଟି ପର୍ଯ୍ୟାୟରେ ବ୍ରଜରାଜନଗର, ଧାନବାଦ, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ନୃତ୍ୟ ଦଳ ବିଜେତା ବିବେଚିତ ହୋଇଥିଲେ। ପ୍ରାରମ୍ଭରେ ନୃତ୍ୟଙ୍ଗନା ନୃତ୍ୟାନୁଷ୍ଠାନର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀ ରୋଜା ନିଜ ସାଥୀଙ୍କ ସହ ଦଳଗତ ନୃତ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ପରେ ନୃତ୍ୟଶିଳ୍ପୀ ସୁସ୍ମିତା ପପିଙ୍ଗ ଆନିମେଶନ ନୃତ୍ୟ ପରିବେଷଣ କରିଥିଲେ। ସ୍ମୃତିରଞ୍ଜନ ନାୟକ ଏବଂ ବିଶ୍ୱଜିତ ନାୟକ ପ୍ରତିଯୋଗିତାର ଉଦ୍‌ଘୋଷିକା ଥିବାବେଳେ ଦୀପିକା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ସସ୍ମିତା ଜେନା, ସୁରଜ ତନ୍ତୀ, ସୋମ୍ୟଶ୍ରୀ ନାୟକ, ରୁବି ପାତ୍ର, ବିଭୂତି ଭୂଷଣ ସେଠୀ, ହରେନ୍ଦ୍ର ନାୟକ,ଟୁନା ଗଉଡ, ମନୀଷା ଜେନା, ପର୍ଶୁରାମ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

**ଭୁବନେଶ୍ୱର,୨୫।୧୧(ସତ୍ୟଜିତ୍ ରାଉତ):** ସ୍ତ୍ରୀ ନିର୍ମଳା ସାହୁଙ୍କୁ ତର୍ଷିଚିପି ହତ୍ୟା କରିବା ପରେ ନିଜେ ମୂଷାମରା ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ ମାମଲାରେ ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟ ସୋମବାର ରାୟ ପ୍ରକାଶ କରିଛନ୍ତି। ଦୋଷୀ ସ୍ୱାମୀ ଜଗଦୀଶ ସାହୁ (୬୨)ଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ହତ୍ୟା ଦଫାରେ ୨୦ ହଜାର ଓ ଆତ୍ମହତ୍ୟା ଦଫାରେ ୧ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ହିମାଂଶୁ ଶେଖର ମଲ୍ଲିକ ତାଙ୍କ ରାୟରେ କହିଛନ୍ତି। ଜଗଦୀଶଙ୍କ ଘର କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ।

### ହାତୀ ଉପଦ୍ରବ: ଧାନ, କପାଚାଷ ନଷ୍ଟ

**ପଲମ, ୨୫।୧୧ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଭାନପୁର ପଞ୍ଚାୟତର ଗୁଡ଼ାଙ୍ଗଗୁଛା ଓ ଗିଗିନା ପଞ୍ଚାୟତର ଉଟାଖମାର, ଶ୍ରୀପୁର, ଡମପଦର, ଟାପରାଙ୍ଗ, ଯୋଡ଼ାବନ୍ଧ ଆଦି ଗ୍ରାମର ଧାନ ଓ କପାଚାଷ ନଷ୍ଟ କରୁଛନ୍ତି। ଏଥିଯୋଗୁ ଚାଷୀମାନେ ଅନେକ କ୍ଷତି ସହୁଛନ୍ତି।.ପରେ ହାତୀପଲ ବାଗପୁର ପଞ୍ଚାୟତର ବଫଲା ରାଜପଥ ଅତିକ୍ରମକରି ଭୀମକେଲା ପଞ୍ଚାୟତ ଅଧୀନ ବୁର୍ଡପଡ଼ା ଓ ଫଲସାପଡ଼ା ଏବଂ ରୁପ୍ରା ପଞ୍ଚାୟତର ତିତକେଲା ନିଘୁପଡ଼ା ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। ରୁପ୍ରା ରୋଡ୍ ବନ ଅଧିକାରୀ ଓ ସ୍କ୍ୱାଡ୍ ହାତୀ ପଲ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏଠାକାର ଚାଷୀଙ୍କ ସହ ଓ ବନ ବିଭାଗ କର୍ମଚାରୀ ଚାଷଜମିକୁ ଜଗି ରହିଛନ୍ତି। ହାତୀ ଚଳପ୍ରଚଳ ଲାଗିରହୁଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ପ୍ରବଚନ ଓ ଯୋଗଶିକ୍ଷା କାର୍ଯ୍ୟକ୍ରମ

**ତୁଣ୍ଡଲା,୨୫।୧୧(ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ତୁଣ୍ଡଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବଚନ ଓ ଯୋଗଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପ୍ରବଚକ ଭାବରେ ଯୋଗଦେଇ ସମାଜ ସଂସ୍କାର, ଆଧ୍ୟାତ୍ମିକ ଚେତନା, ଉତ୍ତମ ଚରିତ୍ର ଗଠନ ଉପରେ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଶିକ୍ଷକ ଯତୀନ୍ଦ୍ର କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ସଭାରେ ଯୋଗ ଶିକ୍ଷକ ଚନ୍ଦ୍ରଶେଖର ସାହୁ, ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରେମାନିଧି ସେଠ, ତୁଣ୍ଡଲା ଗ୍ରାମପଞ୍ଚାୟତ ସରପଞ୍ଚ ସରୋଜ ସେଠ ପ୍ରମୁଖ ଯୋଗଦେଇଥିଲେ।

### ଖଡ଼ିଆଳ ମହୋତ୍ସବ ପାଇଁ ତାରିଖ ପରିବର୍ତ୍ତନ

**ଖଡ଼ିଆଳ,୨୫।୧୧(ସୁଜିତ କୁମାର ପ୍ରଧାନ):** ଆସନ୍ତା ଫେବୃଆରୀ ୪ରୁ ୮ ତାରିଖ ପର୍ଯ୍ୟନ୍ତ ଖଡ଼ିଆଳ ମହୋତ୍ସବ ପାଳନ ପାଇଁ ଆୟୋଜକ କମିଟି ସ୍ଥିର କରିଥିଲା। ହେଲେ ଉକ୍ତ ଧାର୍ଯ୍ୟ ତାରିଖରେ ପରିବର୍ତ୍ତନ କରାଯାଇଛି। ମହୋତ୍ସବରେ ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ବଲିଉଡ୍‌ର ସୁପ୍ରସିଦ୍ଧ ଗାୟକ ଜାଭେଦ ଅଲ୍ଲୀ ଯୋଗଦେବା ପାଇଁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମ ୮ ତାରିଖ ପରିବର୍ତ୍ତେ ୭ ତାରିଖରେ କରିବା ପାଇଁ ଗାୟକ ଜାଭେଦ ଅଲ୍ଲୀ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଣୁ ଧାର୍ଯ୍ୟ ତାରିଖକୁ ସାମାନ୍ୟ ପରିବର୍ତ୍ତନ କରାଯାଇ ଫେବୃଆରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ଆୟୋଜକ କମିଟି ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

**କେଗାଁ, ୨୫।୧୧(ସ୍ୱରୂପ କୁମାର ବିଶି):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ସିନାପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ କୁମାର ନାୟକ, ସିଡିପିଓ ଉଷା ଲକ୍ଷ୍ମୀ, ଏବିଇଓ ଲିନା ଦାଶ, ଏପିଇଓ କ୍ଷେତ୍ର ମୋହନ ମାଝୀ, କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରହରି ନାଏକ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୨୬୦ଜଣ ଅଭିଯୋଗ ପଞ୍ଜୀକରଣ କରିଥିବା ବେଳେ ପ୍ରାୟ ୫୮ଜଣଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ଏହା ମଧ୍ୟରେ ୮୦ଜଣ କେବଳ ଆବାସ ଯୋଜନା ପାଇଁ ଅଭିଯୋଗ କରିଥିଲେ।

# କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରାଯାଉ

## ଶୋଭାଯାତ୍ରା, ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର

**ଭବାନୀପାଟଣା,୨୫।୧୧(ଉତ୍ତମ କୁମାର ଦାଶ)**


ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ପରେ ବି ନିୟମିତ ହୋଇପାରୁ ନାହାନ୍ତି କଳାହାଣ୍ଡି ଜିଲାରେ ୨୦୧୮ରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରି ସ୍ଥଳେ ସୋମବାର ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଭବାନୀପାଟଣାରେ ଶୋଭାଯାତ୍ରା କରାଯିବା ସହ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ସରକାରଙ୍କ ନିୟମାନୁଯାୟୀ ୬ବର୍ଷ ପୁରିଲେ ନିୟମିତ ହେବା କଥା। ହେଲେ ଜିଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ୬ବର୍ଷ ୮ମାସ ପରେ ବି ନିୟମିତ ହୋଇନାହାନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୨୫୨୬୬/୫।୧୦।୨୪ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ମେମୋ ପତ୍ର ସଂଖ୍ୟା ୨୦୮୮୭/୭।୧୦।୨୪ ଅନୁସାରେ ୧୦୧୬ ଶିକ୍ଷକ ପୋଷ୍ଟ ପ୍ରଦାନ କରି ୬ବର୍ଷ ସମ୍ପୂର୍ଣ୍ଣ କାର୍ଯ୍ୟ କରିଥିବା ସମସ୍ତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ଉଲ୍ଲେଖ କରିଥିଲେ। କଳାହାଣ୍ଡି ଜିଲାରେ ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲା ଶିକ୍ଷା ବିଭାଗକୁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ହେଲେ ଏହା କାର୍ଯ୍ୟକାରୀ କରାଯାଇନାହିଁ। ସୂଚନା ଅନୁଯାୟୀ, ଶିକ୍ଷାଗତ ଯୋଗ୍ୟତାର ପ୍ରାମାଣିକ ଯଥାର୍ଥତା ଆସିଲେ ନିୟମିତ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ଯାଞ୍ଚ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୧୩୨୧୬/ ୨୭।୬।୨୦୧୯ରେ ଚିଠି କରିଛନ୍ତି। ଏହା କାର୍ଯ୍ୟକାରୀ ହୋଇଥିଲେ ପ୍ରଥମ ଜିଲା ଭାବେ କଳାହାଣ୍ଡିର କନିଷ୍ଠ ଶିକ୍ଷକ ନିୟମିତ ହୋଇଥାନ୍ତେ। କିନ୍ତୁ ପରିତାପର ବିଷୟ କଳାହାଣ୍ଡି ଜିଲା ଶିକ୍ଷାବିଭାଗ ପକ୍ଷରୁ ଏହାକୁ ୨୦୨୪ରେ କାର୍ଯ୍ୟକାରୀ କରାଗଲା। ଏହାର ରିପୋର୍ଟ ଆସିଯାଇଥିଲେ ସୁଦ୍ଧା ନିୟମିତ ପ୍ରକ୍ରିୟା କରାଯାଉନାହିଁ। ଯେଉଁମାନଙ୍କର ରିପୋର୍ଟ ଶତପ୍ରତିଶତ ଆସିଛି ସେମାନେ ନିୟମ ପରିସରଭୁକ୍ତ ହେଉଛନ୍ତି। ପର୍ଯ୍ୟାୟ କ୍ରମେ ନିୟମିତ କଲେ ଜିଲାରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକ ସମେତ ସେମାନଙ୍କ ପରିବାର ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲା ସଭାପତି ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଚନ୍ଦନ ସାହୁ, ସାଧାରଣ ସମ୍ପାଦକ ଦେବଦତ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ସୁରେଶ କୁମାର ମହାରଣା, ତୃପ୍ତି ରଞ୍ଜନ ନାଥ, କାଳୁ ଚରଣ ମହାରଣା, ସୁସ୍ମିତା ଜେନା, ଉପଦେଷ୍ଟା ଧୀରେନ ପଟ୍ଟନାୟକ,ଜିଲା ସଂଯୋଜିକା ପ୍ରତିଭା ସାହୁ ପ୍ରମୁଖ ସାମିଲ ଥିଲେ।

# ଡିସେମ୍ବର ୬ରୁ କୋଶଳି ସାଂସ୍କୃତିକ ମହୋତ୍ସବ


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ନୂଆପଡ଼ା,୨୫।୧୧ (ମକାରୁ ବେମାଲ)**

ଆସନ୍ତା ଡିସେମ୍ବର ୬ରୁ ୧୦ ପର୍ଯ୍ୟନ୍ତ ୫ କୋସଲି ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ କୋସଲି ଭାଷା, ସାହିତ୍ୟ ଓ ସଂସ୍କୃତିର ଆନ୍ଦୋଳନ ସ୍ୱରୂପ ନୂଆପଡ଼ାରେ କୋସଲି ସାଂସ୍କୃତିକ ମହୋତ୍ସବ ଆୟୋଜିତ ହେବ। ନୂଆପଡ଼ା ମିଶନଶକ୍ତି କାଫେଠାରେ ସୋମବାର ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଭାପତି ସୁରଜିତ ସିଂ ମହାରଥା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ରବି ମଙ୍ଗରାଜ ପରିଚାଳନା କରି ସୂଚନା ଦେଇଥିଲେ। ଏଥିରେ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ। ସାହିତ୍ୟର ପ୍ରଚାର ପ୍ରସାର ପାଇଁ ମାରାଗୁଡ଼ା ସାହିତ୍ୟ ସ୍ମରଣିକା ଉନ୍ମୋଚନ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ। ପଶ୍ଚିମ ଓଡିଶାର କୋସଲି ଭାଷା, ଲୋକ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ମହୋତ୍ସବରେ ଲକ୍ଷ୍ୟ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଅଶ୍ୱିନୀ କୁମାର ଭୋଇ, ଅଶୋକ ପୁଞ୍ଜି, ପିଣ୍ଟୁ ଜଗତ, ଏକାମ ଦୀପ, କିରଣ ବାଗ, ବିଜୁ ହେର୍ମା, ସଞ୍ଜୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଧ୍ୱଜରାମ ସ୍ମାରକୀ ଫୁଟ୍‌ବଲ: ହୀରାପୁର ଚାମ୍ପିୟନ

**କୋକସରା,୨୫।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ପଞ୍ଚାୟତ ଆଇଁଲି ଖେଳପଡ଼ିଆରେ ଚାଚା ନେହେରୁ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଧ୍ୱଜରାମ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବ୍ରାହ୍ମଣୀଗୁଡ଼ା ଓ ହୀରାପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲ କରି ହୀରାପୁର ଦଳ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଅଲିମ୍ପିକ୍ସ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ରେଞ୍ଜ ଅଫିସର ଲକ୍ଷ୍ମଣ ଶବର ମୁଖ୍ୟବକ୍ତା ଓ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଚକ୍ରଧର ସେଠୀ, ଗ୍ରାମ୍ୟ ସଭାପତି ତୁଳସୀ ରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଜୁନାଗଡ଼ର ପିଇଟି ଭଗବାନ ଦଳପତି ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ ଭାବେ ବୁଲୁ ବେହେରୁକ, ହରେକୃଷ୍ଣ ଦଣ୍ଡସେନା ଓ ବଂଶୀଧର ଭୁଁଏସାଲ ସହଯୋଗ କରିଥିଲେ। ଆୟୋଜକ କମିଟି ସଭାପତି କୁଞ୍ଜବିହାରୀ ସାହୁ, ଉପସଭାପତି ଦୁଃଖନ୍ଦ୍ର ମାଝୀ, ସମ୍ପାଦକ କେଶବ ମାଝୀ, କୋଷାଧ୍ୟକ୍ଷ ଝାଡେଶ୍ୱର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ର ଜୀବନରେ ଶୃଙ୍ଖଳା ଆଣିଥାଏ ଏନ୍‌ସିସି

**ଭବାନୀପାଟଣା,୨୫।୧୧(ଉତ୍ତମ କୁମାର ଦାଶ)**


ଏନ୍‌ସିସି ଦିବସରେ ଉପସ୍ଥିତ ଅତିଥିଗଣ।

ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ୭୬ତମ କଳାହାଣ୍ଡି ଜିଲାସ୍ତରୀୟ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇ ସମାଜ ଓ ଶିକ୍ଷାନୁଷ୍ଠାନରେ ଏନ୍‌ସିସି କ୍ୟାଡେଟଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ଏନ୍‌ସିସି ହିଁ ଛାତ୍ରଜୀବନରେ ଶୃଙ୍ଖଳା ଆଣିଥାଏ ବୋଲି କହିଥିଲେ। ପରେଡରେ ୧୨ ପ୍ଲାଟୁନ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଶ୍ରେଷ୍ଠ ପ୍ଲାଟୁନ ଭାବରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆର୍ମି ଓ ବିକାଶ ସ୍କୁଲକୁ ପୁରସ୍କାର ମିଳିଥିଲା। କେ ଭି ସ୍କୁଲର ପ୍ଲାଟୁନ କମାଣ୍ଡର ରାଜବୀର ପ୍ରତାପ ସାହୁଙ୍କୁ ବେଷ୍ଟ ପ୍ଲାଟୁନ କମାଣ୍ଡର ଭାବରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜୀବନବ୍ୟାପୀ ଏନ୍‌ସିସି ପାଇଁ ସେବା କରିଥିବାରୁ ରବି ପ୍ରସାଦ କାନୁନଗୋଙ୍କୁ ସମ୍ମାନିତ କରାଯାଇଥିଲା। ପରେଡରେ ବିଚାରକ ଭାବରେ ଡ. ଅଜୟ ମିଶ୍ର ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର

**ଗୋଲାମୁଣ୍ଡା, ୨୫।୧୧(ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ସଭାପତି ନବରତ୍ନ ରାଉତ ମୁଖ୍ୟଅତିଥି ଓ ଇଂ.ପ୍ରିୟବ୍ରତ ସିପକା, ଜିଲା ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ, ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରର ଦ୍ୱିତୀୟ ଦିବସରେ ଜଳବାୟୁ ପରିବର୍ତ୍ତନ ଉପରେ ଅଧ୍ୟାପକ ସରୋଜ କୁମାର ପଣ୍ଡା, ପ୍ରାଥମିକ ଚିକିତ୍ସା ଉପରେ ଶାନ୍ତନୁ କୁମାର ପରିଡ଼ା ଓ ମୋହନ ଚରଣ ବିଶି ଏବଂ ସଡକ ସୁରକ୍ଷା ଉପରେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସ୍ୱାଇଁଙ୍କ ସମେତ ଗୋବିନ୍ଦ ସାହୁ, ନବକୃଷ୍ଣ ସାହୁ, ଶଙ୍କର ମେହେର, ତୁଳାରାମ ଚଣ୍ଡୀ, ବିକାଶ ରଞ୍ଜନ ନାୟକ, ଲସବ ସେଠିଆ ପ୍ରମୁଖ ରକ୍ତଦାନ କରିଥିଲେ। ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରୁ ଏଲ୍‌ଟି ଗଜାନନ ବେହେରା, ନିଗମାନନ୍ଦ ଗୋପାଳ, ଡମ୍ବରୁଧର ମେହେର, ପଞ୍ଚାନନ ମାଳୀ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଶର୍ଟ ସର୍କିଟରୁ ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ନୂଆପଡ଼ା/ସିନାପାଲି,୨୫ ।୧୧ (ମକାରୁ ବେମାଲ/ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ନନ୍ଦିଗାଁରେ ରବିବାର ବିଳମ୍ବିତ ରାତିରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ସୂଚନା ମୁତାବକ ଉକ୍ତ ଗାଁର ଶଙ୍କର ବାରିକଙ୍କ ପରିବାର ଖାଇସାରି ରାତିରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ହଠାତ୍ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଶଙ୍କର ପାଟି କରିବାରୁ ପଡ଼ୋଶୀ ଓ ଗାଁ ଲୋକେ ଆସି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘରେ ଥିବା ସମସ୍ତ ସମ୍ପତ୍ତି ପୋଡ଼ି ନଷ୍ଟହୋଇଯାଇଥିଲା। ଏଥିରେ ଶଙ୍କରଙ୍କ ସ୍ତ୍ରୀ ବ୍ୟାଙ୍କରେ ଜମାକରିବାକୁ ରଖିଥିବା ଏସ୍‌ଏଚ୍‌ଜିର ନଗଦ ୬୫ ହଜାର ଟଙ୍କା ମଧ୍ୟ ପୋଡ଼ିଯାଇଥିବା ଜଣାପଡ଼ିଛି। ପ୍ରଶାସନ ଏହି ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ମଧ୍ୟାହ୍ନଭୋଜନ ବନ୍ଦ, ବିସ୍କୁଟ୍ ଖାଇଲେ ପିଲା

**ଲାଞ୍ଜିଗଡ଼, ୨୫।୧୧(ରମେଶ ଚନ୍ଦ୍ର ନାୟକ)**

**ଲାଞ୍ଜିଗଡ଼ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ଲାଞ୍ଜିଗଡ଼ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନଭୋଜନ ବନ୍ଦ ହେବାରୁ ଛାତ୍ରୀଛାତ୍ର ବିସ୍କୁଟ ଖାଇ ଘରକୁ ଫେରିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସୂଚନାକ୍ରମେ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୫୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପିଲାଙ୍କୁ ମଧ୍ୟାହ୍ନ ଭୋଜନ ରୋଷେଇ କରି ଖାଇବାକୁ ଦେବା ପାଇଁ ଲାଞ୍ଜିଗଡର ମା' ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଗୋଷ୍ଠୀ ପକ୍ଷରୁ ଖାଦ୍ୟ ରାନ୍ଧିବା ପାଇଁ ୩ଜଣ ରୋଷେୟା ନିୟୋଜିତ ହୋଇଛନ୍ତି। କିନ୍ତୁ କୌଣସି କାରଣରୁ ସୋମବାର ୩ ରୋଷେୟା ସ୍କୁଲକୁ ଆସିଲେ ନାହିଁ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜଣାଇଲେ ନାହିଁ। ଫଳରେ ପିଲାମାନେ ରନ୍ଧାଖାଦ୍ୟ ପାଇଲେ ନାହିଁ। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକ ରାଧାମାଧବ ରଥଙ୍କ କହିବା କଥା, ସେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ପଚାରିବାରୁ ରୋଷେୟାମାନେ ଆସିନାହାନ୍ତି, ଆମେ ବୁଢ଼ୀ ଲୋକ, ରୋଷେଇ କରିପାରିବୁ ନାହିଁ ବୋଲି କହି ପିଲାଙ୍କୁ ବିସ୍କୁଟ ଖାଇବାକୁ ଦେଇଥିଲେ। ଏହାକୁ ନେଇ ପ୍ରଧାନ ଶିକ୍ଷକ କାହିଁକି ଚୁକ୍ତି ଖିଲାପ କଲ ବୋଲି ଏସ୍‌ଏଚ୍‌ଜିକୁ ଏକ ନୋଟିସ ଦେବା ସହ ରୋଷେୟାଙ୍କୁ ମଧ୍ୟ ନୋଟିସ ଦେଇଥିବା ପ୍ରକାଶ କରିଛନ୍ତି। ଏହାସହ ମଙ୍ଗଳବାର ରୋଷେୟା ନ ଆସିଲେ କୌଣସି ଦିନ ମଜୁରିଆ ଦ୍ୱାରା ରନ୍ଧାଖାଦ୍ୟ ବ୍ୟବସ୍ଥା କରି ପିଲାଙ୍କୁ ଖାଇବାକୁ ଦିଆଯିବ ବୋଲି ପ୍ରଧାନ ଶିକ୍ଷକ ରଥ ପ୍ରକାଶ କରିଥିଲେ। ସେହିପରି ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବରଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ କହିବା ଅନୁସାରେ ପାଚିକାଙ୍କ ଦରମା ନ ମିଳିବାରୁ ସେମାନେ ଆସି ନାହାନ୍ତି। କିନ୍ତୁ ଅକ୍ଟୋବର ମାସର ଦରମା ସେମାନଙ୍କୁ ମିଳିଯାଇଛି। ପରେ ପିଲାଙ୍କୁ ରନ୍ଧାଖାଦ୍ୟ ନ ଦେଇ ବିସ୍କୁଟ ଦିଆଯାଇଥିବା ଜାଣିବାକୁ ପାଇଲି। ପ୍ରଧାନ ଶିକ୍ଷକଙ୍କୁ ମଙ୍ଗଳବାର ଯଦି ପାଚିକା ନ ଆସନ୍ତି ତା'ହେଲେ ଦିନ ମଜୁରିଆ ଲଗାଇ ରୋଷେଇ କରି ପିଲାଙ୍କୁ ଖାଦ୍ୟ ଦେବାପାଇଁ ତାଗିଦ କରିବା ସହ କାରଣ ଦର୍ଶାଅ ନୋଟିସ ଦେଇଥିବା ପ୍ରକାଶ କରିଛନ୍ତି।

# ଆବାସ ଗୃହ ନିର୍ମାଣରେ ବାଧକ ବିଦ୍ୟୁତ୍ ତାର


ନିର୍ମାଣାଧୀନ ଘର ଉପର ଦେଇ ଟଣାଯାଇଥିବା ବିଦ୍ୟୁତ୍ ତାର।

**ସିନାପାଲି,୨୫।୧୧ (ମନଫୁଲ ମେହେର)**

**ଜିଲାପାଳଙ୍କୁ ଅଭିଯୋଗ**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍‌ର ଗରିବ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ଗୃହ ନିର୍ମାଣ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହାକୁ ନେଇ ସେମାନେ ସୋମବାର ସିନାପାଲିଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳ ମଧୁସୂଦନ ଦାସଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସିନାପାଲି ବ୍ଲକ୍ ଗୋଡାଳ ଗ୍ରାମର ସୁଦର୍ଶନ ନାଏକ, ପରମେଶ୍ୱର ମାଳି, ସୁବାସ ନାୟକଙ୍କ ସମେତ ଅନେକ ହିତାଧିକାରୀଙ୍କୁ ଆବାସ ଗୃହ ନିର୍ମାଣ କାର୍ଯ୍ୟାଦେଶ ସାଙ୍ଗକୁ ଅଗ୍ରିମ ରାଶି ପ୍ରଦାନ କରଯାଇଛି। ହେଲେ ଗୃହ ଛାତ (ସ୍ଲାବ୍) ପର୍ଯ୍ୟନ୍ତ ଯାଇଥିବା ବେଳେ ଉପରେ ବିଦ୍ୟୁତ୍ ତାର ଝୁଲି ରହିଛି। ଫଳରେ ଗୃହ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଗୃହ ନିର୍ମାଣ ସ୍ଥାନ ରାସ୍ତା ପାର୍ଶ୍ୱରେ ନୂତନ ଖୁଣ୍ଟ ପୋତାହେବା ସହ କେବୁଲ ମଧ୍ୟ ଲାଗି ସାରିଛି। ହେଲେ ନୂତନ କେବୁଲରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଅନେକ ଥର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନ ଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଅଭିଯୋଗ ପରେ ଜିଲାପାଳ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଶିକ୍ଷକ ଅନୁପସ୍ଥିତ ଘଟଣା: ସ୍କୁଲରେ ପହଞ୍ଚିଲେ ଏବିଇଓ

**ଲାଞ୍ଜିଗଡ଼,୨୫।୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତର ପଦ୍ମଅପା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତ ଘଟଣା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବ୍ଲକ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ଆଚାରୀ ଶବରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଭୂଷଣ ସାହୁ ସୋମବାର ସ୍କୁଲରେ ପହଞ୍ଚି ତଦାରଖ କରିଛନ୍ତି। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୩ ଛାତ୍ରୀଛାତ୍ର ଥିବାବେଳେ ଦୁଇଜଣ ଶିକ୍ଷକ ରହିଛନ୍ତି। ହେଲେ ଜଣେ ଶିକ୍ଷକ ଦୀର୍ଘଦିନ ହେଲା ସ୍କୁଲରେ ଅନୁପସ୍ଥିତ ରହୁଥିବା ଯୋଗୁ ପାଠପଢ଼ା ବ୍ୟାହତ ହେଉଥିବା ନେଇ ସ୍କୁଲ ପରିଚାଳନା କମିଟି ସଭାପତି ଅଗସ୍ତି ହରିଜନ ପ୍ରତିବାଦ କରିଥିଲେ। ଜଣେ ମାତ୍ର ଶିକ୍ଷକ ପାଞ୍ଚୋଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସମ୍ଭବ ହୋଇପାରୁ ନ ଥିବା ଦର୍ଶାଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ସୋମବାର ଏବିଇଓ ସାହୁ ସ୍କୁଲରେ ପହଞ୍ଚି ପରିଚାଳନା କମିଟି ଓ ଅଭିଭାବକ ମଧ୍ୟରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ ସ୍କୁଲକୁ ଯାଇ ପରିଚାଳନା କମିଟି ସହ ଆଲୋଚନା କରିବା ସହ ଶିକ୍ଷକ ଅନୁପସ୍ଥିତ ନେଇ ଆଲୋଚନା କରିଥିଲେ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ଶବରଙ୍କ ସହିତ ଆଲୋଚନା କରି ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ପ୍ରକାଶ କରିଥିଲେ।

# ୩୩ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**କେସିଙ୍ଗା,୨୫।୧୧(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହଠାରେ ସୋମବାର ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ଜନଶୁଣାଣି ଓ ଆଶୁ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୩୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି, ପିଡି ଦୟାମୟ ପାଢ଼ୀ, ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ପଦ୍ମନାଭ ପୁରୋହିତ, କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସମେତ ବନ ବିଭାଗ, ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଜନଶୁଣାଣି କରୁଛନ୍ତି ଅଧିକାରୀ।

# ଜଳସେଚନ ଦାବିରେ ୩ରେ ଅଖେଟକ ବନ୍ଦ

**କୋକସରା,୨୫।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୨ ପଞ୍ଚାୟତର ଚାଷୀଙ୍କୁ ନେଇ ଗଠିତ ସଚେତନ କୃଷକ ମଞ୍ଚ ପକ୍ଷରୁ ସୋମବାର ଏକ ବୈଠକ କୋକସରା ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଚେତନ କୃଷକ ମଞ୍ଚର ଆବାହକ ଶିବପ୍ରସାଦ ପ୍ରଧାନୀ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଚଳିତ ରବିଚାଷ ପାଇଁ ଇନ୍ଦ୍ରାବତୀ ମେଗାଲିଫ୍ଟରୁ ଜଳସେଚନ ଦାବି ଉପରେ ଆଲୋଚନା ହୋଇଥିଲା। ଜୟପାଟଣା, କୋକସରା, ଧର୍ମଗଡ ବ୍ଲକର ପ୍ରାୟ ୨୬ ହଜାର ହେକ୍ଟର ଜମିକୁ ଜଳସେଚନ ଦାବିରେ ଆସନ୍ତା ମାସ ୩ ତାରିଖରେ ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଜଳସ୍ତର କମ୍ ରହିଥିବା ଦର୍ଶାଇ ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଜଳସେଚନ ବନ୍ଦ କରିବାକୁ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ଘୋଷଣା ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆନ୍ଦୋଳନ ଦାନା ବାନ୍ଧିଛି। ଚାଷୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ସ୍ଥାନୀୟ ବିଧାୟକଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ ଧର୍ମଗଡ଼ ଉପଖଣ୍ଡ ଓ ମେଗାଲିଫ୍ଟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା ସତ୍ତ୍ୱେ ରବିଚାଷ ପାଇଁ ଜଳସେଚନ ନେଇ ଇନ୍ଦ୍ରାବତୀ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟୀକରଣ ନ ଦେବାରୁ ଆସନ୍ତା ୩ ତାରିଖରେ କୋକସରା ବ୍ଲକ ମୋଟେର ଛକରେ ଜାତୀୟ ରାଜପଥ ୨୬ ଅବରୋଧ ପାଇଁ ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ସଚେତନ କୃଷକ ମଞ୍ଚର କିଶୋର ଚନ୍ଦ୍ର ପ୍ରଧାନୀ ଗୋବର୍ଦ୍ଧନ ବାଗ, ପଙ୍କଜ ମୁଖ ଚୌଧୁରୀ, ସତ୍ୟବାନ ବାଗ, ଧନେଶ୍ୱର ପଣ୍ଡା, ମଳୟ ଛତ୍ରିଆ, ଜୟଲାଲ ନାଏକ, ମାର୍କଣ୍ଡ ବେମାଲ, ପାଞ୍ଚକ ପୋଢ଼, ନାରାୟଣ ପଟ୍ଟନାୟକ, ଚିନ୍ତାମଣି ପଟେଲ, ମନିଜର ପୋଢ଼, ମୁକ୍ତେଶର ପଟ୍ଟନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।


ବୈଠକରେ ଚାଷୀମାନେ ଆଲୋଚନା କରୁଛନ୍ତି।

# ଶୀର୍ଷ ମାର୍କ ଦୌଡ଼ ଅପେକ୍ଷା ଭଲ ମଣିଷ ହୁଅ

## ସିଦ୍ଧାର୍ଥ ପବ୍ଲିକ ସ୍କୁଲର ୨୨ତମ ବାର୍ଷିକୋତ୍ସବ

ସରଣ୍ଡା, ୨୫।୧୧(ଯୁଧିଷ୍ଠିର ମହାପାତ୍ର)



ନୃତ୍ୟଶିଳ୍ପୀ ରିଙ୍କୁ କୁମାର ସାହୁଙ୍କୁ ୱେଲୁରୀ ରାମଚନ୍ଦ୍ର ରାଓ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ୨୨ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ମୁଖ୍ୟ ଅତିଥି, ବୁର୍ଲା ଭିସୁଟର ଏକାଡେମିକ ମୁଖ୍ୟ ପ୍ରଫେସର ସଞ୍ଜୟ ଅଗ୍ରୱାଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନରେ ଧ୍ୟାନ ଦେବା ଆବଶ୍ୟକତା ରହିଛି। ହେଲେ ଶୀର୍ଷ ପ୍ରତିଶତ ମାର୍କ ଦୌଡ଼ ଅପେକ୍ଷା ଭଲ ମଣିଷଟିଏ ହୋଇ ନିଜ ଜୀବନକୁ ଉଜ୍ଜୀବିତ କରିବା ନିତାନ୍ତ ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ସ୍କୁଲ ଅଧକ୍ଷ ଜି. ଶ୍ରୀନିବାସ ରାଓ ବାର୍ଷିକ ବିବରଣୀ ପାଠ ଓ ଏକାଡେମୀ ଡାଇରେକ୍ଟର ଅସିତ ଅମାତ ଏକାଡେମିକ ବିବରଣୀ ପାଠ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ରୋହିତ ୱେଲୁରୀ ମଞ୍ଚାସୀନ ଥିବାବେଳେ ଶିକ୍ଷୟିତ୍ରୀ କ୍ରିଷ୍ଣା ଦାଶଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ରିଙ୍କୁ କୁମାର ସାହୁଙ୍କୁ ୱେଲୁରୀ ରାମଚନ୍ଦ୍ର ରାଓ ପ୍ରତିଭା ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ସ୍କୁଲର ଏଲ୍‌କେଜିରୁ ନବମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଶ୍ରୀୟାଂଶି ପତି, ଶକ୍ତି ସ୍ୱରୂପ ପ୍ରଧାନ, ଆଦର୍ଶ ତ୍ରିପାଠୀ, ବିପ୍ଳବ ମହାକୁର, ଅର୍ପିତା ପ୍ରଧାନ, ସୈସ୍ମିତା ବେହେରା, ଭାଗ୍ୟଶ୍ରୀ ମାନବୀ ମିଶ୍ର, ଶୁଭେନ୍ଦୁ ବାରିକ, ତ୍ରିଷ୍ଣା ସେଠ, ସୌମ୍ୟ ସୁଚରିତା ଜେନା, ଆୟୁଷି ପ୍ରଧାନ, ସିମରନ କ୍ୟୁରେଷି, ସୌମ୍ୟ ଦିବ୍ୟଜ୍ୟୋତି ବରାଳ, ଜଷ୍ଟି ହାରିକା, ଅରିୟାନ ଦାଶ, ସିମରନ ବାଗଙ୍କୁ ଶ୍ରେଣୀ ଟପ୍ପର ଭାବେ ପୁରସ୍କୃତ କରାଯାଇଥିଲା। ସେହିଭଳି କ୍ଲାସ ଟେନରେ ପ୍ରିୟାଂଶି ଓଝା (୯୬.୬)%, ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା ୯୬.୨%, ପ୍ରିନ୍ସ ଯାଦବ ୯୫.୨%, ରାସେଶ୍ୱରୀ ଆଚାର୍ଯ୍ୟ ୯୪.୬%, ଶାଶ୍ୱତ ପ୍ରିୟଦର୍ଶୀ କୁମୁରା ୯୩%, ସୌମ୍ୟରଞ୍ଜନ ହୋତା ୯୩%, ଶ୍ରୀଜଳ ପୁରୋହିତ ୯୨.୪୦%, ଅମିତ କୁମାର କର ୯୧%, ଅଂଶୁମାନ ଭୋଇ ୯୦.୬୦% ଏବଂ ଦ୍ୱାଦଶ (ଯୁକ୍ତ ୨)ରେ ଜି. ଗୀତଶ୍ରୀ ୮୮ ପ୍ରତିଶତ ମାର୍କ ଆଣିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଛାତ୍ର ପ୍ରିୟଂ ପ୍ରଭାସ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକମାଲ ବ୍ଲକରେ ଜନ ଅଭିଯୋଗ ଶୁଣାଣି


ଜନଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀଗଣ।

ପାଇକମାଲ,୨୫।୧୧(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଲ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋଏଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନିରୁପମା ଷଡ଼ଙ୍ଗୀ, ପଦ୍ମପୁର ଉପ ଜିଲାପାଳ ଅରୁଗୁଲା ସ୍ନେହା, ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ଜଳସେଚନ, ରାସନ କାର୍ଡ, ଭତ୍ତା, ଧାନ ବିକ୍ରି, ଆବାସ ଗୃହ ଓ ଶୌଚାଳୟ ତିଆରିରେ ଅନିୟମିତତା ଉପରେ ସମୁଦାୟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସମସ୍ତ ଅଭିଯୋଗ ଶୁଣି ତୁରନ୍ତ ସମାଧାନ ପାଇଁ ଜିଲାପାଳ ଗୋଏଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମାନକ ଲିଖନ ପ୍ରତିଯୋଗିତାରେ ୬୦ ପ୍ରତିଯୋଗୀ

ପାଇକମାଲ, ୨୫।୧୧(ବଡ଼ ଶତପଥୀ): ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ମାନକ ଲିଖନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଯାଇଛି। ପାନୀୟ ଜଳ ପ୍ୟାକେଜ ବିଷୟ ପ୍ରତିଯୋଗିତାରେ ୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖାର ମାଷ୍ଟର ଟ୍ରେନର ରଞ୍ଜନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବବିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧନ କର୍ମୀ କ୍ଷିତେଶ ନାୟକ, ଲଳିତ କୁମାର ବିଶ୍ୱାଳ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତ୍ରିଲୋଚନ ନାୟକ ଅତିଥି ପରିଚୟ ପ୍ରଦାନ ଓ ନିରୁପମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ବରପାଲି,୨୫।୧୧(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକର ବରମକେଲା ଗ୍ରାମପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମର ଗରିବ ଆଦିବାସୀ ତଥା ଅନ୍ୟ ବର୍ଗର ଗରିବ ଲୋକମାନେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସରକାରଙ୍କଠାରୁ ସିଲିଂ ଜମି ପାଇଥିଲେ ମଧ୍ୟ ସେମାନଙ୍କୁ ପଟ୍ଟା ମିଳିନାହିଁ। ଫଳରେ ସେମାନେ ଠିକ୍ ଭାବେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ୪ ଡେସିମିଲ ଘରଡିହ ପଟ୍ଟା ପାଇଛନ୍ତି ସେମାନଙ୍କୁ ଦଖଲ ମିଳୁନାହିଁ। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ତରଫରୁ ଏସବୁ ସମସ୍ୟାର ସମାଧାନ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଏହାର ପ୍ରତିବାଦରେ ସୋମବାର ମହାସଂଘ ପକ୍ଷରୁ ବରପାଲି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସିଲିଂ ଜମି ପାଇଥିବା ହିତାଧିକାରୀଙ୍କୁ ୭ ଦିନ ଭିତରେ


ମହାସଂଘ କର୍ମକର୍ତ୍ତା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସିଲିଂ ଜମି ପଟ୍ଟା ପ୍ରଦାନ ଦାବି

ନେଟ୍ ପଟ୍ଟା ଯୋଗାଇବା ସହ ସମସ୍ତ ଦାବି ପୂରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ତହସିଲ ଅଫିସରେ ତାଲା ପକାଇବାକୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ, ବରପାଲି ବ୍ଲକ ସଭାପତି ଧର୍ମରାଜ ସିଂ ବରିହା, ବରପାଲି ବ୍ଲକ ସମ୍ପାଦକ ତଥା ଗୋଣ୍ଡୱାନା ସମାଜର ମହାସଚିବ ଧନେଶ୍ୱର ସିଂ, ଅନିରୁଦ୍ଧ ରାଉତ, କୈବର୍ତ୍ତ ନାଗ, ଯଦୁ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋବିନ୍ଦପୁର ଧାନକ୍ରୟ କେନ୍ଦ୍ର ଶୁଭାରମ୍ଭ

ବରଗଡ଼, ୨୫।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁରରେ ଧାନକ୍ରୟ କେନ୍ଦ୍ର ଆରମ୍ଭ ହୋଇଛି। ଗୋବିନ୍ଦପୁର ପ୍ୟାକ୍ସ ସମ୍ପାଦକ ଅଶୋକ ଥପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନ କ୍ରୟକେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବନୀକାନ୍ତ ପଣ୍ଡା, ନୋଡାଲ ଅଫିସର ଡୋଲାମଣି ପ୍ରଧାନ, ଡାଇରେକ୍ଟର ସରୋଜ ଭୋଇ, ତରୁଣ ନାଏକ, ଅଶୋକ ସାହୁ, ଅନନ୍ତ ମହାପାତ୍ର, ଛତ୍ରପତି ଭୋଇ, ରଘୁନାଥ ମହାପାତ୍ର, ଆନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କ୍ରୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପଦ୍ମପୁର ପ୍ରିମିୟର ଲିଗ୍: ଶେଖ୍ ଫାଇଟର୍ସ ବିଜୟୀ


ମୁଖ୍ୟ ଅତିଥି ବିଜେତା ଶେଖ୍ ଫାଇଟର୍ସ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ପଦ୍ମପୁର,୨୫।୧୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ତିନିଦିନ ଧରି ଚାଲିଥିବା ପ୍ରଥମ ପଦ୍ମପୁର ପ୍ରିମିୟର ଲିଗ୍-୨୦୨୪ ସୋମବାର ଉଦ୍‌ଯାପିତ ହୋଇଛି। ପଦ୍ମପୁର ଟାଉନ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଶେଖ୍ ଫାଇଟର୍ସ ଏବଂ ସମଲେଶ୍ୱରୀ ଲାୟନ୍ସ ଦଳ ଭିତରେ ଫାଇନାଲ ମ୍ୟାଚ୍ ହୋଇଥିବା ବେଳେ ଶେଖ୍ ଫାଇଟର୍ସ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ ଏବଂ ଟାଉନ କ୍ଲବ ସଭାପତି ପ୍ରିତେଶ କୁମାର ବହିଦାର ଅତିଥି ଭାବେ ଯୋଗ ଦେଇ କୃତୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ଅଶୋକ ମିଶ୍ର, ସମ୍ପାଦକ କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ଆଦିତ୍ୟ ରଥ, ନାରାୟଣ ପୁରୋହିତ, ସୁବାସ ପାତ୍ର, ରାଜେଶ ଗୁର୍ଲା, ନରୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଖିଳ ପଟ୍ଟନାୟକ, ଦୀନେଶ ବାରିକ, ସୁରଜ ସୁନା, ସୋମେଶ ମହାନ୍ତି, ସୁରେଶ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଅନିଲ ଗୁର୍ଲା, ଶୁଭମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ୫ ଦିନିଆ ଉତ୍କର୍ଷ ତାଲିମ ଶିବିର ଉଦ୍‌ଯାପିତ

ପଦ୍ମପୁର,୨୫।୧୧ (ପ୍ରଦୀପ୍ତ ଦାଶ)

ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ପାଞ୍ଚଦିନିଆ ଉତ୍କର୍ଷ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଜବୋଡ଼ାସମ୍ବର ବିଇଓ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଇକମାଲ ବିଇଓ ଚୂଡାମଣି ବାରିକ ମୁଖ୍ୟ ଅତିଥି, ଜମରତଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ଖମାରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜମଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ଡଭା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟିକେଶ୍ୱର ପ୍ରସାଦ ପଟେଲ ଏବଂ ପଲସଦା ଉଚ୍ଚ ବିଦ୍ୟାଳୟର ଯତୀନ୍ଦ୍ର ଦୀପ୍ ଯୋଗଦାନ କରିଥିଲେ। ଶିବିରରେ ବିଜେପୁର, ଗାଇସିଲେଟ, ଝାରବନ୍ଧ, ପାଇକମାଲ ଏବଂ ରାଜବୋଡ଼ାସମ୍ବର ବ୍ଲକର ୨୪୦ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୬୦ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାସିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ ।


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ପାଇଁ ସଚେତନତା

ବରଗଡ଼, ୨୫।୧୧(ପ୍ରେମାନନ୍ଦ ଖମାରୀ)


ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ନେଇ ସଚେତନତା ସୃଷ୍ଟି କରାଯାଉଛି।

ବରଗଡ଼ ଜିଲା ଆମ୍ବାଭୋନା ବ୍ଲକ ଅନ୍ତର୍ଗତ ବୁଗବୁଗି ଗ୍ରାମରେ ସୋମବାର ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂକୀର୍ତ୍ତନ ନାମରେ ଅଶାଳୀନ ନୃତ୍ୟ ଏବଂ ଦ୍ୱିଅର୍ଥବୋଧକ ଗୀତ ପରିବେଷଣକୁ ବିରୋଧ କରି ଜନସଚେତନତା ସୃଷ୍ଟି କରାଯାଇଥିଲା। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ସଂଯୋଜକ ଶିବ ନାରାୟଣ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବିଶ୍ୱଜିତ ଦାଶ, ସଂକୀର୍ତ୍ତନ ଗାୟକ ପରମେଶ୍ୱର ଭୋଇ, ମୌଜିଲାଲ ସାହୁ, ନୋହର ପ୍ରଧାନ, ରାମଚନ୍ଦ୍ର ସାହୁ, ଭରତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାପକ ଜନସଚେତନତାରେ ହିଁ ଅଶ୍ଳୀଳ ସଂକୀର୍ତ୍ତନ ପରିବେଷଣ ବନ୍ଦ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ସମ୍ପ୍ରତି ବିଭିନ୍ନ ନାମଯଜ୍ଞ ମଣ୍ଡଳୀରେ ସଂକୀର୍ତ୍ତନ ଦଳମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଶୃଙ୍ଖଳିତ ନୃତ୍ୟ ଓ ବିକୃତ ସଙ୍ଗୀତ ସମାଜ ଉପରେ କୁପ୍ରଭାବ ପକାଉଛି ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ସେଭଳି ସଂକୀର୍ତ୍ତନ ପରିବେଷଣକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲାର ବିଭିନ୍ନ ବ୍ଲକରେ ଏଭଳି ସଚେତନଧର୍ମୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଥିବା ବେଳେ ଅମ୍ବାଭୋନା ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଶତାଧିକ ସଂକୀର୍ତ୍ତନ କଳାକାର ଅଶ୍ଳୀଳ ସଂକୀର୍ତ୍ତନକୁ ବିରୋଧ କରିଥିଲେ। ଏଥିସହ ଭାବଭକ୍ତିର ସଂକୀର୍ତ୍ତନରେ ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ପାଇଁ ସଂକଳ୍ପ ନେଇଥିଲେ। ଆଗାମୀ ଦିନରେ ଅଶ୍ଳୀଳ ସଂକୀର୍ତ୍ତନ ଏବଂ ଦ୍ୱିଅର୍ଥବୋଧକ ସଙ୍ଗୀତ ପରିବେଷଣକୁ ବିରୋଧ କରି ଜିଲାସ୍ତରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଦାଶ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧନେଶ୍ୱର ଦୁଆନ, ଯାଦବ ପ୍ରଧାନ, ଭଗବାନ ବାଗ, ଛବିଳ ବାରିକ, ବୁଦ୍ଧଦେବ ମଲ୍ଲିକ, ଟିକା ରାମବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଡେପୁଟି ସିଇଓଙ୍କ ବରଗଡ଼ ଗସ୍ତ

ବରଗଡ, ୨୫।୧୧ (ପ୍ରେମାନନ୍ଦ ଖମାରୀ)

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା

ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବୁଥ୍ ସ୍ତରରେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ-୨୦୨୫ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ମତଦାତାଙ୍କ ନାମ ଯାଞ୍ଚ, ପଞ୍ଜୀକରଣ, ଅପସାରଣ, ସଂଶୋଧନ କିମ୍ବା ସ୍ଥାନାନ୍ତରୀକରଣ କରିବା ପାଇଁ ସମସ୍ତ ବୁଥ୍‌ରେ ନଭେମ୍ବର ୨, ୯, ୧୬ ଏବଂ ୨୪ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପାଳନ କରିବା ସହ ବୁଥ୍‌ସ୍ତରୀୟ ଅଧିକାରୀ ନିଜ ବୁଥ୍‌ରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟ ତଦାରଖ କରିବା ପାଇଁ ଡେପୁଟି ସିଇଓ ଡଃ ଲକ୍ଷ୍ମଣ ପ୍ରସାଦ ସାହୁ ରବିବାର ବରଗଡ ଜିଲା ଗସ୍ତରେ ଆସି ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ସେ ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରପାଲି ଏନ୍‌ଏସିର ମହଦା ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୧୦, ୧୧ ଓ ୧୨ ଏବଂ ବରଗଡ଼ ନିର୍ବାଚନ ମଣ୍ଡଳୀର କୁସନପୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୧୧୩, ୧୧୪, ଶକ୍ତି ନଗର ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୬୭, ୬୮, ୬୯, ମାଷ୍ଟରଟିକ୍ରା ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୫୬, ୫୭, ୫୮ ଏବଂ ଗୋବିନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ ବୁଥ୍ ନମ୍ବର ୫୧, ୫୨, ୫୩କୁ ଯାଇ ଭୋଟର ପଞ୍ଜୀକରଣ ସହ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାସହିତ ସେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଡେପୁଟି ସିଇଓଙ୍କ ସହ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ, ଏଚ୍‌ଆର୍‌ଏମ୍‌ଏସ୍ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିବିର ଉଦ୍‌ଯାପିତ

ଗାଇସିଲେଟ,୨୫।୧୧(ଦୁର୍ଗାପ୍ରସାଦ ତ୍ରିବେଦୀ)

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନଙ୍କ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀମାନେ କଲେଜ ପରିସରରୁ ଶୋଭାଯାତ୍ରାରେ ବାହାରି ଶହୀଦ ଛକ ଦେଇ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ ଏବଂ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ପରମାନନ୍ଦ ରଥ, ପ୍ରାଧ୍ୟାପକ ମନୋଜ କୁମାର ପଣ୍ଡା, କାଉନସେଲର ପ୍ରାଧ୍ୟାପକ ନାରାୟଣ ମିଶ୍ର, ଅଧ୍ୟାପିକା ପ୍ରତୀକ୍ଷା ଡନସନା, ସୁଶ୍ରୀ ଝରଣା ସାହୁ ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର, ପାଇକମାଲ, ଝାରବନ୍ଧ, ସୋହେଲା, ବିଜେପୁର ଓ ଗାଇସିଲେଟ ବ୍ଲକର ୪୬ଟି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାଉନସେଲରମାନେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପତିତପାବନ ସାହୁ ମୁଖ୍ୟ ଅତିଥି, ସୋହେଲା ବ୍ଲକ ସିଡିପିଓ ରାସେଶ୍ୱରୀ ସାହୁ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରକୃତି ମିତ୍ର ଅନନ୍ତ ମେହେର ଓ ନାଟ୍ୟ ନିର୍ଦ୍ଦେଶକ କୁମୁଦ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ମାନପତ୍ର ଓ ସିଲ୍ ପ୍ରଦାନ କରାଯାଇଥିଲା।



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିଗଣ।

# ବିକାଶରେ ବାର୍ଷିକ ମହୋତ୍ସବ ରେଡିଏନ୍ସ-୨୦୨୪

ବରଗଡ଼,୨୫।୧୧(ପ୍ରେମାନନ୍ଦ ଖମାରୀ)


ବାର୍ଷିକ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଫାଷ୍ଟ ଷ୍ଟେପ୍ ଓ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ବାର୍ଷିକ ମହୋତ୍ସବ 'ରେଡିଏନ୍ସ ୨୦୨୪' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାଇ ମିନା ମୁଖ୍ୟ ଅତିଥି ଏବଂ ସମ୍ବଲପୁର ଆଇଆଇଏମ୍‌ର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅମୃତ ଫାଲଗୁନି ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶର ଚେୟାରମ୍ୟାନ ଡି. ମୁରଲିକ୍ରିଷ୍ଣା, ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଓ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭି. ଶ୍ରୀନିବାସ, ବିଦ୍ୟା ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା, ଡାଇରେକ୍ଟର ଡି. ଶ୍ୟାମ, ଡି. ରାମ, ଗୀତିକା ଚୌଧୁରୀ, ଡା. ନିକିତା ଚୌଧୁରୀ, ଡିନ୍ ପିତାମ୍ବର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଲକ୍ଷ୍ୟ ସାଧନ ଦିଗରେ ଦୃଢ ମନୋବଳ ସହିତ କାର୍ଯ୍ୟ କଲେ ସଫଳତା ସୁନିଶ୍ଚିତ ବୋଲି ମୁଖ୍ୟ ଅତିଥି କହିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ନାଗେଶ୍ୱର ଫାଷ୍ଟ ଷ୍ଟେପ୍ ଓ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଉପଲବ୍ଧି ତଥା ଭବିଷ୍ୟତ କାର୍ଯ୍ୟକଳାପର ବିବରଣୀ ଦେଇଥିଲେ। ଏଥିସହ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସକୁ ପଶ୍ଚିମ ଓଡ଼ିଶାର ପ୍ରଥମ ପ୍ରାଇଭେଟ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ି ତୋଳିବା ଦିଗରେ କ୍ରିୟାଶୀଳ ଥିବା ସୂଚନା ଦେଇଥିଲେ। ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର (ବିକାଶ ଫାଷ୍ଟ ଷ୍ଟେପ୍), ଡଃ କ୍ଷୀରୋଦ ପ୍ରଧାନ (ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ), ପ୍ରଫେସର ସତ୍ୟବ୍ରତ ମିଶ୍ର (ବିକାଶ ଡିଗ୍ରୀ କଲେଜ), ଡଃ ବିକ୍ରମ ଦାସ (ବିକାଶ ଲ ସ୍କୁଲ), ଅଧ୍ୟକ୍ଷ ଡଃ ପୁର୍ଣ୍ଣେନ୍ଦୁ ମିଶ୍ର (ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି), ଦୀପାଳି ପଟେଲ (ବିକାଶ ନର୍ସିଂ କଲେଜ), ଡଃ ଦିଲୀପ ଖମାରୀ (ବିକାଶ ପଲିଟେକ୍ନିକ୍) ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ. ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିନ୍ (ଷ୍ଟୁଡେଣ୍ଟ ୱେଲ୍‌ଫେୟାର) ଆର୍.ଏସ୍.ଭି କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଜମିକୁ ନେଇ ବିବାଦ

ସମ୍ବଲପୁର,୨୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ଗ୍ରାମରେ ଥିବା ସରକାରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଜମିଜ୍ଞକୁ ନେଇ ବିବାଦ ଦେଖାଦେଇଛି । ସୋମବାର ଜଣେ ବ୍ୟକ୍ତି ଏହି ବିଦ୍ୟାଳୟର ଜମି ତାଙ୍କ ନାମରେ ପଟ୍ଟା ହୋଇ ସାରିଥିବା ଦର୍ଶାଇ ଜମି ଚିହ୍ନଟ ପାଇଁ ଚେଷ୍ଟା କରିବା ପରେ ସ୍ଥାନୀୟ ଲୋକେ ଏହାର ବିରୋଧ କରିଛନ୍ତି । ଦୀର୍ଘ ୪୦ ବର୍ଷ ହେବ ସରକାରୀ ବିଦ୍ୟାଳୟ ରହିଥିବା ଜମି କେଉଁ ପରିସ୍ଥିତିରେ ଜଣେ ବ୍ୟକ୍ତିଙ୍କ ନାମରେ ପଟ୍ଟା କରାଗଲା ତାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ତେବେ ଲୋକଙ୍କ ବିରୋଧ ଯୋଗୁଁ ବିଦ୍ୟାଳୟ ଜମି ଚିହ୍ନଟ କରାଯାଇପାରି ନଥିଲା ।

### ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

ସମ୍ବଲପୁର,୨୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ସରଲାକାନୀ ଓ ନିଳାଦ୍ରିବିହାରରୁ ଗତ୨୧ ତାରିଖ ରାତିରେ ଚୋରି ହୋଇଥିବା ଦୁଇଟି ବାଇକ ଜବତ କରିଛି ପୋଲିସ । ଏହାସହ



ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ସରଲାକାନୀର ଅମୂଲ୍ୟ ହଂସ(୨୧) ଓ ଖପରଡେରାର ଉତ୍ତମ ମୁଣ୍ଡା(୨୧) । ସରଲାକାନୀର ବିନାୟକ ବିହାର ଓ ନିଳାଦ୍ରିବିହାରୁ ଦୁଇଟି ବାଇକ୍ ଚୋରି ହୋଇଥିଲା । ଏହାକୁ ନେଇ ଦୁଇ ବାଇକ୍ ମାଲିକଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ସିସି ଟିଭି ଓ ଅନ୍ୟାନ୍ୟ ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା । ସେମାନଙ୍କ ନିକଟରୁ ଚୋରି ବାଇକକୁ ନମ୍ବର ପ୍ଲେଟ୍ ଖୋଲାଥିବା ଅବସ୍ଥାରେ ଜବତ କରାଯାଇଛି ।

### ଗାଡି ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

ରେଢାଖୋଲ, ୨୫।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସହର ଉପକଣ୍ଠ ଭୀମ ଭୋଇ କଲେଜ ଛକ ନିକଟରେ ୫୫ ନଂ ଜାତୀୟ ଉପରେ ସୋମବାର ସନ୍ଧ୍ୟା ସାଢେ ୬ଟା ବେଳେ ଗାଡିଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ବାଇକରେ ଥିବା ଅନ୍ୟଜଣେ ଯୁବକ ଗୁରୁତର ହୋଇଛନ୍ତି । ମୃତକ ଅନୁଗୋଳ ଜିଲାର କିଶୋରନଗର ଥାନା ଅଧିନ ବଇଜା ଗ୍ରାମର ଚନ୍ଦନ ବେହେରା (୨୧) । ଗୁରତର ସେହି ଗ୍ରାମର ରିଙ୍କୁ ବେହେରା (୨୨)ଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ତାଙ୍କ ଅବସ୍ଥା ଗୁରୁତର ରହିଛି । ଉଭୟେ ବାଇକ (ନଂ. ଓଡି ୧୯ ପି ୪୬୪୯) ଯୋଗେ ରେଢାଖୋଲକୁ କୌଣସି କାମରେ ଆସି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ କଲେଜ ଛକ ନିକଟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା । ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଧରିବାକୁ ଉଦ୍ୟମ ଚଳାଇଛି ।

# ଜିଏମ୍‌ୟୁରେ ହିନ୍ଦୀରେ ବିଏଡ୍ ଖୋଲ

## ଉପକୁଳ ସଚିବଙ୍କୁ ପ୍ରାକ୍ତନ ଛାତ୍ରଙ୍କ ସ୍ମାରକ ପତ୍ର ପ୍ରଦାନ

ସମ୍ବଲପୁର,୨୫।୧୧ (ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ହିନ୍ଦୀ ବିଷୟରେ ବିଏଡ୍ ଖୋଲିବାକୁ ଦାବି ହୋଇଛି । ଏନେଇ ଜିଏମ୍‌ୟୁ ହିନ୍ଦୀ ବିଭାଗ ପୁରାତନ ଏବଂ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ବିଭାଗ ସଂଯୋଜକ ଡ. ମୁରଲିଧର ମାଝୀଙ୍କ ମାଧ୍ୟମରେ ଉପକୁଳ ସଚିବ ଡ. ଉମାଚରଣ ପତିଙ୍କୁ ସୋମବାର ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ୧୯୪୫ ମସିହାରୁ ତତ୍କାଳୀନ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଏବଂ ୨୦୧୮ ମସିହାଠାରୁ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇଛି । ଅଧିକ ଚହିଦାକୁ ବିଚାରକୁ ନେଇ ଏମ୍‌ଫିଲ ଏବଂ ପିଏଚ୍‌ଡି ମଧ୍ୟ ଖୋଲିଛି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ୧୯୯୮ ମସିହାରେ ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟକୁ ଭିନ୍ନ କରାଯାଇଥିଲା । ଯାହାକୁ ବର୍ତ୍ତମାନ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ନାମରେ କୁହାଯାଉଛି । ଯାହାକି ଓଡ଼ିଶା ସରକାରଙ୍କ ଦ୍ୱାରା ଗଣ ଶିକ୍ଷା ବିଭାଗ ଅଧିନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ତେଣୁ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକ (ପିଜିଟି) ପାଇଁ ବିଇଡି ଡିଗ୍ରୀ ଆବଶ୍ୟକ । ଏହା ସହିତ



ଉପକୁଳ ସଚିବ ଡ. ଉମାଚରଣ ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ସଂପ୍ରତି ପ୍ରତ୍ୟେକ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷା ଦିଆଯାଉଛି । ତେଣୁ ସ୍ନାତକ ଏବଂ ସ୍ନାତକୋତ୍ତର ସହିତ ବିଇଡିର ଚାହିଦା ବଢ଼ିଛି । ପ୍ରତିବର୍ଷ ୩୨ ସ୍ନାତକୋତ୍ତର ଏବଂ ୩୦ ସ୍ନାତକୋତ୍ତର ଛାତ୍ରୀଛାତ୍ର ଏହି ବିଶ୍ୱବିଦ୍ୟାଳୟରୁ ପାସ୍ କରନ୍ତି । କିନ୍ତୁ ବିଏଡ୍ କରିବାକୁ ହେଲେ ସେମାନଙ୍କୁ କେବଳ କଟକଠାରେ ଅବସ୍ଥିତ ହିନ୍ଦୀରେ ବିଇଡି କେନ୍ଦ୍ରକୁ ଯିବାକୁ ପଡିଥାଏ । ଯେଉଁଠାରେ କେବଳ ୫୦ଟି ସିଟ୍ ଅଛି । ଯଦ୍ୱାରା ଅନେକ ଛାତ୍ରୀଛାତ୍ର ସ୍ନାତକ ଏବଂ ସ୍ନାତକୋତ୍ତର ସମାପ୍ତ ପରେ ବିଇଡି ଡିଗ୍ରୀ ହାସଲ କରିବାରୁ ବଞ୍ଚିତ ହେଉଛନ୍ତି । ଛାତ୍ରମାନେ ବିଇଡି ଡିଗ୍ରୀ ପଢିବା ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ସେହି କାରଣରୁ ସେମାନେ ମାନସିକ ଏବଂ ଆର୍ଥିକ ସମସ୍ୟାର ଶିକାର ହେଉଛନ୍ତି । ଏପରି ପରିସ୍ଥିତିରେ ଜିଏମ୍‌ୟୁରେ ହିନ୍ଦୀରେ ବିଇଡି ଡିଗ୍ରୀ ପାଠ୍ୟକ୍ରମ ଖୋଲାଗଲେ ହିନ୍ଦୀ ବିଷୟ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ । ସେହିପରି ଏଠାରେ ସେଲ୍ଫ ଫାଇନେଂସିଙ୍ଗ ମାଧ୍ୟମରେ ବିଇଡି ଡିଗ୍ରୀ ପାଠ୍ୟକ୍ରମ ଅନ୍ୟ ବିଷୟଗୁଡ଼ିକରେ ଚାଲିଛି । ସେହିଭଳି ଅନ୍ତତଃ ପକ୍ଷେ ସେଲ୍ଫ ଫାଇନେଂସିଙ୍ଗ ମାଧ୍ୟମରେ ହିନ୍ଦୀରେ ବିଏଡ୍ ଡିଗ୍ରୀ ପାଠ୍ୟକ୍ରମ ଖୋଲିବାକୁ ଅନୁରୋଧ କରାଯାଇଛି ।

ଓଡ଼ିଶାରେ ପୂର୍ବରୁ ତିନୋଟି ସ୍ଥାନରେ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପିତ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଓଡ଼ିଶା ସରକାର ଦ୍ୱାରା ସମ୍ବଲପୁର ଏବଂ ବ୍ରହ୍ମପୁରରେ ଥିବା ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରକୁ ବନ୍ଦ କରି ଦିଆଯାଇଛି । ବର୍ତ୍ତମାନ କେବଳ କଟକରେ ମାତ୍ର ଗୋଟିଏ ହିନ୍ଦୀ ପ୍ରଶିକ୍ଷଣ କେନ୍ଦ୍ର ଚାଲୁଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ଡ. ଜୟନ୍ତକର ଶର୍ମାଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ୭୦ଅଭିଯୋଗର ଶୁଣାଣି କଲେ ଜିଲାପାଳ




ଜିଲାପାଳ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି ।

## ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର

କୁଚିଣ୍ଡା,୨୫।୧୧ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରି ୭୦ଅଭିଯୋଗର ଶୁଣାଣି କରିଥିଲେ । ବ୍ୟକ୍ତିଗତଭାବେ ୫୦ଅଭିଯୋଗ ଏବଂ ଗୋଷ୍ଠିଗତ ଭାବେ ୨୦ଅଭିଯୋଗ ଉପରେ ଶୁଣାଣି କରି ଏହାର ଫଇସଲା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଜିଲାପରିଷଦ ସିଡିଓ ପ୍ରସନ୍ନ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଲବିନୁସ କେର୍କେଟା, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଏସ୍‌ଡିପିଓ ଅମିତାଭ ପଣ୍ଡା, ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗଭଞ୍ଜ ସାଗର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ, ମିତାଲି ମଧୁସ୍ମିତା ଦଳେଇ, ବିଡିଓ ଜୟନ୍ତ ସାହୁଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ । ଏଥିରେ ଅଧିକାଂଶ ଅଭିଯୋଗ ଚାଷୀଙ୍କ ଧାନକ୍ରୟ ସମସ୍ୟା ଓ ମଣ୍ଡି ପରିଚାଳନା ସମ୍ପର୍କରେ ଆସିଥିଲା । ଏହାଛଡା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟଜଳ ସମେତ ବାଉରୀଗୋଡା ପଞ୍ଚାୟତର ଅର୍ଜୁନବାର୍ଡ ଜଳବିଭାଜିକା କମିଟି କର୍ମକର୍ତ୍ତାଙ୍କ ମନମୁଖି କାର୍ଯ୍ୟର ତଦନ୍ତ, ଅର୍ଡାବାହାଲ ପଞ୍ଚାୟତକୁ ମରୁଡି ଘୋଷଣା କରିବା ସମ୍ପର୍କରେ ଅଭିଯୋଗ ଆସିଥିଲା । ଏହିଅବସରରେ ଜିଲାପାଳ ବୋନ୍ଦର ଜଣେ ହିତାଧିକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କାର ସହାୟତା, ୨ଜଣଙ୍କୁ ଶ୍ରମିକ କାର୍ଡ, ୩ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଜଣେ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ । ପରେ ସେ ମନ୍ତ୍ରୀମୁଣ୍ଡାରେ ଏସ୍‌ଏଚ୍‌ଜି ପକ୍ଷରୁ ହୋଇଥିବା ଲଙ୍କାମରିଚ ଚାଷ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଶିବିର ପରିଚାଳନାରେ ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଆକାଉଣ୍ଟ ଅଫିସର ଅଜୟ ବାଗେ ପ୍ରମୁଖ ସହଯୋଗ କରିଥିଲେ ।

# ଅଜ୍ଞାତ ଶକ୍ତିର ଚିତ୍ରଣରେ ପ୍ରକୃତିର ସାହାଯ୍ୟ ଦରକାର




ଆଲୋଚନାଚକ୍ରରେ ଅତିଥି, ବକ୍ତା ଓ ଛାତ୍ରୀଛାତ୍ରମାନେ ।

## ଜିଏମ୍‌ୟୁ ହିନ୍ଦୀ ବିଭାଗ ଆୟୋଜିତ ଆଲୋଚନାଚକ୍ର

ସମ୍ବଲପୁର,୨୫।୧୧ (ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ହିନ୍ଦୀ ବିଭାଗ ପକ୍ଷରୁ ଛାୟାବାଦ ଏବଂ ରହସ୍ୟବାଦ ଶୀର୍ଷକ ବିଭାଗସ୍ତରୀୟ ଆଲୋଚନା ଚକ୍ର ସୋମବାର ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ -୧ରେ ଅନୁଷ୍ଠିତ ହୋଇଯାଇଛି । ଝାରସୁଗଡ଼ା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମିଳା ମଜେଜି ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ । ଛାୟାବାଦୀ କବିମାନେ ଅଜ୍ଞାତ ଶକ୍ତିର ଚିତ୍ରଣ କରିବା ପାଇଁ ପ୍ରକୃତିର ସାହାଯ୍ୟ ନେଇଥିଲେ । ସେମାନେ ପ୍ରତୀକ ମାଧ୍ୟମରେ ନିଜର ମତ ପ୍ରକାଶ କରିଥିଲେ । ସେଥିପାଇଁ ମାନବ ରୂପରେ ପ୍ରକୃତିକୁ ଚିତ୍ରିତ କରିଛନ୍ତି । ଛାୟାବାଦୀଙ୍କ କଳ୍ପନା କେବଳ କଳ୍ପନା ନୁହେଁ । ଏଥିରେ ସାମାଜିକ ଚିନ୍ତାଧାରା ମଧ୍ୟ ଥିଲା ବୋଲି ଡ. ମଜେଜି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିନ୍ଦୀ ବିଭାଗର ସଂଯୋଜକ ଡ. ମୁରଲିଧର ମାଝୀ ଛାୟାବାଦ ଏବଂ ରହସ୍ୟବାଦ ଉପରେ ନିଜର ମତ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଛାୟାବାଦ ଏବଂ ରହସ୍ୟବାଦ ମଧ୍ୟରେ ଗଭୀର ସମ୍ପର୍କ ଅଛି । ଏହା ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଛାଇ ଭାବରେ ଆସେ, ଧିରେ ଧିରେ ରହସ୍ୟ ଆଡକୁ ଗତି କରେ । ଆରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ଡ.ଦାଶରଥୀ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଷୟର ପୃଷ୍ଠଭୂମି ପ୍ରଦାନ କରିଥିଲେ । ଆଲୋଚନା ଚକ୍ର ଆୟୋଜନରେ ବିଭାଗ ଅଧ୍ୟାପିକା ଡ. ପ୍ରଣତୀ ବେହେରା, ଡ. ସ୍ମୃତିସ୍ମରଣିକା ଜେନା ଏବଂ ସୁଶ୍ରୀ ମମତା ନାୟକ ସହଯୋଗ କରିଥିଲେ । ଅଧ୍ୟାପିକା ଗାୟତ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ବସ୍‌ଷ୍ଟାଣ୍ଡରୁ ୪୩କେଜି ଗଞ୍ଜେଇ ଜବତ, ୭ଗିରଫ

ସମ୍ବଲପୁର,୨୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲିସ୍ଥିତ ଘରୋଇ ବସ୍‌ଷ୍ଟାଣ୍ଡରୁ ପୋଲିସ ୭ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ସୋମବାର ଗିରଫ କରିଛି । ସେମାନଙ୍କଠାରୁ ୪୩.୬୧୨ କିଲୋଗ୍ରାମ ଗଞ୍ଜେଇ ସହିତ ୭ଟି ମୋବାଇଲ୍ ଫୋନ ଓ ୩୫୪୦ ନଗଦ ରାଶି ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ବିହାର ମହ୍ଲାର ଗ୍ରାମର କୁଶ କୁମାର ପାଣ୍ଡେ, ଆଧାଉରା ଗ୍ରାମର ବ୍ରଜେଶ କୁମାର, ଗୋବିନ୍ଦ କୁମାର, ଜମନିପାଲି ଗ୍ରାମର ପ୍ରଦୀପ କୁମାର ବାଲମିକ, ଖୁର୍ଦ୍ଦବରାଧିର ରବି ରଞ୍ଜନ କୁମାର, ଦିନାରା ଗ୍ରାମର ଧିରଜ କୁମାର ଓ ବିକାଶ କୁମାର ବୋଲି ଜଣାପଡ଼ିଛି । ସଦର ଏସ୍‌ଡିପିଓ ତୋଫାନ ବାଗ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଇଁଠାପାଲି ଥାନା ପୋଲିସ ଘରୋଇ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରି ୭ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରା ଉଚରା କରିଥିଲା । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# ଚାଷୀଙ୍କୁ ୨୦ହଜାର ଫୁଲଚାରା ବଣ୍ଟନ

ସମ୍ବଲପୁର, ୨୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ସନାତନପାଲି ଗ୍ରାମରେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଉଦ୍ୟମରେ ସୋମବାର ସିଏସ୍‌ଆଇଆର୍-ଏନ୍‌ବିଆର୍‌ଆଇ ଦ୍ୱାରା ୨୦ହଜାର ଗ୍ଲାଡିଓଲସ ଫୁଲ ଚାରା ବିତରଣ କରାଯାଇଛି । ଏହି ଉପକ୍ରମରେ ସିଏସ୍‌ଆଇଆର-ଏନ୍‌ବିଆରଆଇର ବିଶିଷ୍ଟ ଜୀବ ବିଜ୍ଞାନି ଡକ୍ଟର ଚନ୍ଦ୍ରଶେଖର ମହାନ୍ତି ଏବଂ ଡକ୍ଟର ସନ୍ଦୀପ ବେହେରା ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶକ ମନବୋଧ ବାରିକ ଏବଂ ଚାଷୀ ଅଜିତ ପଧାନ ଉପସ୍ଥିତ ଥିଲେ । ଗ୍ଲାଡିଓଲସର ତିନୋଟି ଭିନ୍ନ ଜାତିର ଚାରା ୱାଇଟ ପ୍ରସ୍ପେରିଟି, ଆମେରିକନ ବ୍ୟୁଟି ଓ ନୋଭାଲକ୍ସ ବିତରଣ ମାଧ୍ୟମରେ ଚାଷୀଙ୍କ ଆର୍ଥିକ ସ୍ୱାବଲମ୍ବନ ଏବଂ ଚାଷ ରୂପାନ୍ତରଣର ଲକ୍ଷ୍ୟ ରଖା ଯାଇଛି । ଚାଷୀମାନଙ୍କୁ ନୂଆ ତଥା ଲାଭଜନକ ଚାଷ ପଦ୍ଧତିରେ ଜଡ଼ିତ କରି ସେମାନଙ୍କ ଉନ୍ନତି ସହ କୃଷିକୁ ଗତିଶୀଳ କରିବା ନେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ଯୋଗୁ ଆଗାମୀ ଦିନରେ ଗ୍ରାମର ଅନ୍ୟାନ୍ୟ ଚାଷୀମାନଙ୍କୁ ଫୁଲ ଚାଷ ପ୍ରତି ଆଗ୍ରହ ବଢାଇବା ପାଇଁ ଚେଷ୍ଟା କରାଯିବ ବୋଲି ସନାତନ ପାଲି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ କୁହାଯାଇଛି ।




ସନାତନ ପାଲିରେ ଗ୍ଲାଡିଓଲସ ଫୁଲ ଚାରା ବଣ୍ଟନ କରାଯାଉଛି ।

# ହିଣ୍ଡାଲ୍‌କୋ ଶ୍ରମିକ ସଙ୍ଗଠନର ନିର୍ବାଚନ ଠିକ୍ ସମୟରେ କର

ସମ୍ବଲପୁର,୨୫।୧୧ (ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ଶ୍ରମିକ ସଙ୍ଗଠନର ନିର୍ବାଚନ ଠିକ୍ ସମୟରେ କରିବା ପାଇଁ ହିନ୍ଦ୍ ମଜଦୁର ସଭା ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କଠାରେ ଦାବି କରାଯାଇଛି । ମଜଦୁର ସଭାର ଏକ ପ୍ରତିନିଧି ଦଳ ଶ୍ରମ ଆୟୁକ୍ତ ଘାସିରାମ ଗୁଡୁଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟତଃ ଶ୍ରମ ଆଇନ ଅନୁଯାଇ ବିଭିନ୍ନ ଶିଳ୍ପ ସଂସ୍ଥାରେ ଶ୍ରମିକ ସଙ୍ଗଠନ ନିର୍ବାଚନ କରାଯାଇ ଶ୍ରମିକ ପ୍ରତିନିଧି, ଶିଳ୍ପ ସଂସ୍ଥାର ପରିଚାଳକ ଏବଂ ଶ୍ରମ ବିଭାଗଙ୍କ ତ୍ରିପାକ୍ଷିକ ଆଲୋଚନା କରାଯିବା ଆବଶ୍ୟକତା ରହିଛି । ଏହାଦ୍ୱାରା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥାଏ । ନୂତନ ନିଯୁକ୍ତି, ପଦୋନ୍ନତି, ଦରମା ବୃଦ୍ଧି, ବୋନସ, କ୍ୱାର୍ଟର୍ସ ନିର୍ମାଣ ସୁରକ୍ଷା ସମ୍ବନ୍ଧିତ



ହିନ୍ଦ୍ ମଜଦୁର ସଭା କର୍ମକର୍ତ୍ତା ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କୁ ଭେଟିବାକୁ ଯାଉଛନ୍ତି ।

ନିଷ୍ପତ୍ତି ହୋଇଥାଏ । ବିଳମ୍ବ ହେଲେ ଶ୍ରମିକମାନଙ୍କ କ୍ଷତି ମଧ୍ୟ ହୋଇଥାଏ । ବିଭିନ୍ନ ସମୟରେ ହିଣ୍ଡାଲକୋରେ ଶ୍ରମିକ ସଂଗଠନ ନିର୍ବାଚନ ହେବାରେ ବିଳମ୍ବ ଯୋଗୁ ଶ୍ରମିକମାନଙ୍କ ଅହେତୁକ କ୍ଷତି ମଧ୍ୟ ହୋଇ ଆସୁଛି । ଆଗକୁ ଏ ଦିଗରେ ପଦକ୍ଷେପ ନେଇ ଠିକ୍ ସମୟରେ ନିର୍ବାଚନ କରିବା ପାଇଁ ହିନ୍ଦ ମଜଦୁର ସଭା ପକ୍ଷରୁ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ହିଣ୍ଡାଲକୋ ଶ୍ରମିକ ସଙ୍ଗଠନ ସଭାପତି ମହମ୍ମଦ ମୃତୁଜା, ଦେବଜ୍ୟୋତି ପଟ୍ଟନାୟକ, ରୋସନ ସିଂ, ଯୋଗେନ୍ଦ୍ର ବେହେରା, ତୁଷାର ନାଥ, ପୂର୍ଣ୍ଣ ସ୍ୱାଇଁ, ହୃଦାନନ୍ଦ ପରିଡ଼ା, ସଞ୍ଜୀବ ବାରିକ, ଆକାଶ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ

ସମ୍ବଲପୁର,୨୫।୧୧ (ବି.ଶଙ୍କର)

ସମ୍ବଲପୁର ଭୂତାପଡ଼ାସ୍ଥିତ ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ପ୍ରାତଃ ୫ଟାରୁ ଭକ୍ତମାନଙ୍କ ଦ୍ୱାରା ନଗର ସଂକୀର୍ତ୍ତନ କରାଯାଇଥିଲା । ସକାଳ ୭ରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ପରେ ଷୋଡ଼ଶ ଉପଚାର, ସତ୍ୟନାରାୟଣ ପୂଜା, ନାରାୟଣ ସେବା, ଲିଖିତ ଜପ ଏବଂ ଭଜନ ଭଜନ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଡାକ୍ତରଖାନା, ଜରାଶ୍ରମ ଓ ଅନାଥ ଆଶ୍ରମ ଅନ୍ତେବାସୀଙ୍କୁ ଅନ୍ନ, ବସ୍ତ୍ର, ଫଳ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଦୀପଦାନ ସହ ବେଦପାଠ ଏବଂ ଭଜନ କାର୍ଯ୍ୟକ୍ରମ ହୋଇଥିଲା । ସତ୍‌ସଙ୍ଗ କାର୍ଯ୍ୟକ୍ରମକୁ ସମିତି ଆବାହକ ଜି. ସାଇ କ୍ରିଷ୍ଣା ପରିଚାଳନା କରିଥିଲେ । ସେବା ସମିତି ରାଜ୍ୟ ଉପ ସଭାପତି ପ୍ରତାପ ମହାନ୍ତି ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱିଦ୍ୟାଳୟ କୁଳପତି ଏନ. ନାଗାରାଜୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସମ୍ବଲପୁରର ୩ ସତ୍ୟସାଇ ବାଳବିକାଶ କେନ୍ଦ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



ଭୂତାପଡ଼ା ପ୍ରଶାନ୍ତି ମନ୍ଦିରରେ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମୋତ୍ସବରେ ଅତିଥି ଓ କର୍ମକର୍ତ୍ତା ।

# ସୁପରସିକ୍ସ କ୍ରିକେଟ ଟୁର୍ନାମେଣ୍ଟ: ଉପରମୁଣ୍ଡା ଚାମ୍ପିୟନ

ନାକଟିଦେଉଳ, ୨୫।୧୧ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ମୁଷାକାନୀ କ୍ରିକେଟ କ୍ଲବ ପକ୍ଷରୁ ସୋମବାର ଦିନିକିଆ ସୁପର ସିକ୍ସ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇ ଯାଇଛି । ଏଥିରେ ୮ଟି କ୍ରିକେଟ ଦଳ ଭାଗ ନେଇଥଲେ । ଫାଇନାଲ ମ୍ୟାଚ ଉପରମୁଣ୍ଡା ଏବଂ ମାଟ୍ରିକଫେଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିଣି ମାଟ୍ରିକଫେଲ ଦଳ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ ହରାଇ ୪୮ରନ ସଂଗ୍ରହ କରିଥିଲା । ଜବାବରେ ଉପରମୁଣ୍ଡା ଦଳ ୪.୨ ଓଭରରେ ୪ଟି ଉଇକେଟ ହରାଇ ୫୦ରନ କରି ଚାମ୍ପିୟନ ହୋଇଥିଲା । ଉପରମୁଣ୍ଡାର ଅମିୟ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା । ଦିଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାହେବୀ ପଞ୍ଚାୟତ ସରପଞ୍ଚ ରାମପ୍ରସାଦ ସାହୁ, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବାସୁଦେବ ସାହୁ ଯୋଗଦେଇ ବିଜେତା ଉପରମୁଣ୍ଡା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ । ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁଷାକାନୀ କ୍ରିକେଟ କ୍ଲବର ମନୋରଞ୍ଜନ ସାହୁ, ଶ୍ରୀନିବାସ ସାହୁ, ସାଗର ସାହ, ଅନୀଲ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଏସ୍‌ଡିଏ ଜମିରେ ପକାଯାଉଛି ପାଉଁଶ

- ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ
- ଲୋକଙ୍କ ସହମତିରେ ପାଉଁଶ ପକାଯାଇଛି: ମହନଗର ନିଗମ କମିଶନର

ସମ୍ବଲପୁର,୨୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଦୁର୍ଗାପାଲି ମୌଜାରେ ଏସଡିଏ ଅଧୀନରେ ଥିବା ଘରଡିହ ଜମିରେ ବହୁ ପରିମାଣର ପାଉଁଶ ପକାଯାଇଛି । ଘଟଣା ସମ୍ପର୍କରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶାସନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଜଙ୍ଗଲ ତଥା ପରିବେଶ ମନ୍ତ୍ରୀଙ୍କୁ ଅବଗତି ପାଇଁ ଚିଠି ଲେଖିଛନ୍ତି । ବିଗତ ଦିନରେ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ କାର୍ଯ୍ୟାଳୟରେ ବିଭିନ୍ନ କଳ କାରଖାନାରୁ ନିର୍ଗତ ପାଉଁଶ ବିଭିନ୍ନ ସ୍ଥାନରେ ପକାଯାଇ ପ୍ରଦୂଷଣ ହେଉଥିବା ବିଷୟରେ ଏକ ବୈଠକ କରି ଏହା ଉପରେ ସ୍ପଷ୍ଟ ନୀତି ଧାର୍ଯ୍ୟ ପ୍ରୟାସ କରାଯାଇଥିଲା । ହେଲେ ଏବେ ବି ବିଭିନ୍ନ ସ୍ଥାନରେ ଅବିଚାରିତ ଭାବେ ପାଉଁଶ ପକାଯାଇ ପ୍ରଦୂଷଣ ସୃଷ୍ଟି କରାଯାଉଛି । ଏଥିପାଇଁ ନୀତି ନିର୍ଦ୍ଧାରଣର ଆବଶ୍ୟକତା ରହିଛି ବୋଲି ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ମହାନ୍ତି କହିଛନ୍ତି ।

ସେ କହିଛନ୍ତି ୧୯୯୬ ମସିହାରେ ଏସ୍‌ଡିଏ ପକ୍ଷରୁ ଦୁର୍ଗାପାଲିରେ ସହରବାସୀଙ୍କ ବାସଗୃହ ଆବଶ୍ୟକତା ମେଣ୍ଟାଇବା ପାଇଁ ୯୯ଟି ପ୍ଲଟ ବଣ୍ଟନ କରାଯାଇଥିଲା । ଜନସାଧାରଣ ନିର୍ଦ୍ଧାରିତ ମୂଲ୍ୟ ଦେଇ ଘରଡିହ କିଣିଥିଲେ । ଇତିମଧ୍ୟରେ ୨୮ବର୍ଷ ବିତିଯାଇଥିଲେ ବି ସେମାନଙ୍କୁ ପଟ୍ଟା ମିଳିନାହିଁ । ଆଇନତଃ ସେମାନେ ଘରଡିହର ମାଲିକ । ବର୍ତ୍ତମାନ ସେଠାରେ ଗଦାଗଦା ପାଉଁଶ ହୀରାକୁଦରେ ଏକ କମ୍ପାନୀ ପକାଉଛି । ଏହା ଦ୍ୱାରା ସେମାନଙ୍କ ବାସଗୃହ ନିର୍ମାଣରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି । ନିକଟରେ ଥିବା ମହାନଦୀରେ ମାଟି କ୍ଷୟ ହୋଇ ପାଉଁଶ ବର୍ଷା ପାଣିରେ ବୋହି ମିଶିବା ସମ୍ଭାବନା ରହିଛି । ପୂର୍ବରୁ ଘରଡିହ ଚିହ୍ନଟ ସହ ଏକ ଯୋଜନାବଦ୍ଧ ନିର୍ମାଣକୁ ଦୃଷ୍ଟିରେ ରଖାଯାଇଥିଲା । ବହୁ ବର୍ଷ ପରେ ଚିହ୍ନଟ ସ୍ଥାନରେ ପାଉଁଶ ଗଦା ହୋଇଥିବାରୁ ପୁନରାୟ ଚିହ୍ନଟ କରିବା ଏକ ସମସ୍ୟା ସୃଷ୍ଟି କରିବ । ଯେଉମାନେ ଏହି ଜମିର ଅଧିକାରୀ ସେମାନଙ୍କ ବିନା ଅନୁମତିରେ ଏସ୍‌ଡିଏ କର୍ତ୍ତୃପକ୍ଷ କିପରି ଏକ ଘରୋଇ କମ୍ପାନୀକୁ ପାଉଁଶ ପକାଇବା ଅନୁମତି ଦେଲେ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରାଯାଉ ବୋଲି ମହାନ୍ତି ଦାବି କରିଛନ୍ତି । ଏ ନେଇ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣଙ୍କୁ ପଚାରିବାରୁ ଏସ୍‌ଡିଏରୁ ଜମି ପାଇଥିବା ଲୋକେ ମହାନଗରକୁ ଖାଲ ଜମି ପୋତିବା ପାଇଁ ଅନୁରୋଧ କରିଥିଲେ । ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅନୁମତି ନେଇ ପାଉଁଶ ପକାଯାଇ ସମତୁଲ କରାଯାଉଛି । ଖୁବ୍‌ଶୀଘ୍ର ଉକ୍ତ ଜମି ଲୋକଙ୍କୁ ଜମି ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି ।

